ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 51 | 22 - 28 December 2024 | Sambalpur | Pages- 8 | Invitation Price Rs.10

# ସିଏସ୍ଆର୍ ଯୋଜନା 'ସକ୍ଷମ' ଯୋଜନାରେ ୫୦୦ ଇ-ରିକ୍ସା ଦେଲା ଏମ୍.ସି.ଏଲ୍







ସମ୍ବଲପୁର : ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଏମ୍‌ସିଏଲ୍ ପକ୍ଷରୁ ସାଢ଼େ ୭ କୋଟି ଟଙ୍କା ବ୍ୟୟରେ ସିଏସ୍ଆର୍ କାର୍ଯ୍ୟକ୍ରମ 'ସକ୍ଷମ' ଯୋଜନାରେ ଦିଆ ଯାଇଥିବା ୫୦୦ ବ୍ୟାଟେରୀ ଚାଳିତ ଇ-ରିକ୍ସା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଣ୍ଟନ କରିଛନ୍ତି । ଏହି ଅବସରରେ ମନ୍ଦଲିଆ ପଡ଼ିଆରେ ଆୟୋଜିତ ଏକ ଉତ୍ସବରେ ଶ୍ରୀ ମାଝୀ ରାଜ୍ୟର ୩୦ଟି ଜିଲ୍ଲାର ଦିବ୍ୟାଙ୍ଗ ମାନଙ୍କୁ ଇ-ରିକ୍ସା ବଣ୍ଟନ କରିଥିଲେ । ଇ-ରିକ୍ସା ବ୍ୟତୀତ ୫ଟି କୃତ୍ରିମ ଅଙ୍ଗ, ୩୦ଟି ଶ୍ରବଣ ଯନ୍ତ୍ର, ୫ଟି ମୋବିଲିଟି ବେଡ, ବରିଷ୍ଠ ନାଗରିକମାନଙ୍କୁ ୨୫ଟି ସହାୟକ ଉପକରଣ, ୧୫୦ଟି ୟୁଡିଆଇଡି ସାର୍ଟିଫିକେଟ୍, ୬ଟି ପିଡବ୍ଲୁଡି ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ, ୫୦ଟି ବାଣୀଶ୍ରୀ ବୃତ୍ତି ପ୍ରଦାନ, ୧୦୦ଟି ଏମ୍ପିପିୱାଇ ବଣ୍ଟନ, ୩ଟି ଟେଲରିଂ ମେସିନ୍, ୬ଟି ବସ୍ ପାସ୍, ଗୋଟିଏ ଲାପଟପ୍, ୨ଟି ମୋଟରଚାଳିତ ଟ୍ରାଇସାଇକେଲ୍ ଏବଂ ବିଭିନ୍ନ ପ୍ରକାର ଉପକରଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପରେ ଏମ୍.ସି.ଏଲ୍ ସହାୟତା କରିଥିବାରୁ ଧନ୍ୟବାଦ ଦେବା ସହିତ ସିଏମଡି ଶ୍ରୀ କାଓଲେଙ୍କୁ ସମ୍ମାନିତ କରିଥିଲେ ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ, ଆରଡିସି ସଚିନ ରାମଚନ୍ଦ୍ର ଯାଦବ, ଏମସିଏଲ୍‌ର ସି.ଏମ.ଡି ଉଦୟ ଅନନ୍ତ କାଓଲେ ଓ କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।



# ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଗ୍ରୁମିଙ୍ଗ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ







ସମ୍ବଲପୁର: ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ସ୍କୁଲ ପିଲାଙ୍କ ଭବିଷ୍ୟତ ଗଠନ ଲାଗି ଦିଆ ଯାଉଥିବା ପ୍ରଶିକ୍ଷଣ କେନ୍ଦ୍ର ପାଇଁ ୧୫ ଟି ହାଇସ୍କୁଲର ମୋଟ ୫୭ ଜଣ ଛାତ୍ରଛାତ୍ରୀଙ୍କୁ ଏକ ଉତ୍ସବରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ଏହି ଅବସରରେ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚୀନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି, ଆଇ.ଆଇ.ଏମ୍‌ର ନିର୍ଦ୍ଦେଶକ ମହାଦେବ ରାଓ ଜୟସ୍ୱାଲ, ଓଡିଶା ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଯାଦବ ଲାଇବ୍ରେରୀ ଏହି ଉଦ୍ୟମକୁ ପ୍ରଶଂଶା କରି ଆଗାମୀ ଦିନ ଆଇଆଇଏମ୍ ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁ ଲାଇବ୍ରେରୀ ସହ ଅନୁବନ୍ଧିତ କରି ଶିକ୍ଷାନୁଷ୍ଠାନମାନଙ୍କ ସହଯୋଗରେ ପିଲାଙ୍କୁ କୁଶଳୀ ଓ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ତଥା ଗ୍ରୁମିଙ୍ଗ ପ୍ରକଳ୍ପ ର ସହଯୋଗୀ ଆଇ.ଆଇ.ଏମ୍‌ର ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ ଆଗାମୀ ଦିନମାନଙ୍କରେ ଏହି କାର୍ଯ୍ୟକ୍ରମକୁ ନିଜ ଅନୁଷ୍ଠାନର ସହଯୋଗ କ୍ରମେ ଅଧିକ କ୍ରିୟାଶୀଳ ଓ ଆକର୍ଷଣୀୟ କରିବାକୁ ସୂଚନା ଦେଇଥିଲେ । ଅନୁଷ୍ଠାନର ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଶିକ୍ଷାର୍ଥୀ ହୁମେରା ବାନୋ, ପ୍ରଜ୍ଞା, ଦୀପ୍ତି ରଂଜନ, ଜ୍ୟୋତି, ହେମଲତା, ସୋନାଲିକା, ସ୍ୱାତୀ ପରିମିତା ଓ ଶ୍ରାବଣୀ ପ୍ରମୁଖ ବିଗତ ଛମାସ ରେ ନିଜ ନିଜ ପ୍ରଶିକ୍ଷଣ ଅନୁଭୂତି ବର୍ଣ୍ଣନା କରିଥିଲେ । ବୁଢ଼ାରଜା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁମିତା ପତ୍ରୀ, ଶାସନ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ତାରାବତୀ ବେହେରା ଓ ଶ୍ରୀ ଗଣେଶ ଧନୁପାଲି ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବିଦୁସ୍ମିତା ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମର ମହତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରଫେସର ମୀନକେତନ ପାଠୀ ଏକ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ । ଗତ ପ୍ରଶିକ୍ଷଣ ସମୟରେ ଶତ ପ୍ରତିଶତ ଉପସ୍ଥାନ ପାଇଁ ୧୩ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ସ୍ମାରକୀ ଟ୍ରଫି ସହ ସମ୍ମାନିତ କରିଥିଲେ । ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଓ କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ବିବରଣୀ ପାଠ ସହ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପୃଥ୍ୱୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର, ପ୍ରଦୀପ ପଣ୍ଡା ଓ ଶିବ ଶଙ୍କର ଷଡଙ୍ଗୀ, ବିଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଫେସର ରବି ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଯାଦବ ପବ୍ଲିକ ଲାଇବ୍ରେରୀରେ ଛାତ୍ରଛାତ୍ରୀମାନଙ୍କ ପାଇଁ ନିର୍ମିତ ହୋଇଥିବା ଗ୍ରୁମିଙ୍ଗ ହଲ ଉଦ୍‌ଘାଟନ କରିଥିଲେ ।

## ଏ ସଂଖ୍ୟାରେ..



ପଥୁରି ରୋଗରୁ ମୁକ୍ତି ଦିଏ ପାଳଙ୍ଗ



କାକୁଡିର ଔଷଧୀୟ ଗୁଣ



ସଂକ୍ରମଣରୁ ରକ୍ଷା କରେ ହଳଦୀ



ସ୍ୱାସ୍ଥ୍ୟପ୍ରଦ ଅଶ୍ୱଗନ୍ଧା



ସ୍ୱାସ୍ଥ୍ୟ ଉପକାରୀ କଲରା



ଚନ୍ଦନର ଉପକାରିତା

# ଭାଗ୍ୟ-ଭବିଷ୍ୟକୁ ବଦଳାଇ ପାରନ୍ତି ତ୍ରିପୁରାରୀ

**ବ୍ୟକ୍ତି**ର ପ୍ରାରବ୍ଧ (ଭାଗ୍ୟ) ବଡ଼ ପ୍ରବଳ ଓ ବଳବାନ୍ ହୋଇଥାଏ ବୋଲି କୁହାଯାଏ । ବ୍ୟକ୍ତିର ଭାଗ୍ୟରେ ଭଲ-ମନ୍ଦ, ଶୁଭ-ଅଶୁଭ ଯାହା କିଛି ଲେଖା ହୋଇଥାଏ, ତାହା ଅବଶ୍ୟ ଫଳିତ ହୋଇଥାଏ । ତାହାକୁ ଏଡ଼ାଇ ହୋଇ ନଥାଏ । ତାହାକୁ ଲୋପ କରାଯାଇ ନ ପାରେ । ବ୍ୟକ୍ତିକୁ ପ୍ରାରବ୍ଧ ଭୋଗିବାକୁ ହିଁ ପଡ଼ିଥାଏ, ତାହାହେଲେ ପ୍ରାରବ୍ଧ କ'ଣ ? ପ୍ରକୃତରେ ନିଜ ଦ୍ୱାରା କରାଯାଇଥିବା କର୍ମଗୁଡ଼ିକର ଫଳ ହିଁ ପ୍ରାରବ୍ଧ (ଭାଗ୍ୟ) ବୋଲାଇଥାଏ । ସଂଚିତ, କ୍ରିୟମାଣ ଓ ପ୍ରାରବ୍ଧ– ଏହି ତିନି ପ୍ରକାର କର୍ମ ବିଷୟରେ କୁହାଯାଇଛି ।

ଜନ୍ମ-ଜନ୍ମାନ୍ତରର ଭଲ-ମନ୍ଦ କର୍ମ ଯାହା ସଂଚିତ ହୋଇ ରହିଥାଏ, ଏକାଠି ହୋଇ ରହିଥାଏ, ସେଗୁଡ଼ିକୁ ହିଁ ସଂଚିତ କର୍ମ କୁହାଯାଏ । ସଂଚିତ କର୍ମଗୁଡ଼ିକର ଯେଉଁ ଅଂଶ ପରିପକ୍ୱ ହୋଇ ଏବେ ବ୍ୟକ୍ତିର ଜୀବନରେ ସୁଖ- ଦୁଃଖ, ଶୁଭ-ଅଶୁଭ ଭୋଗ ରୂପେ ପ୍ରକଟ ହେବା ପାଇଁ ପ୍ରସ୍ତୁତ ଥାଏ, ତାକୁ ହିଁ ପ୍ରାରବ୍ଧ ବା ଭାଗ୍ୟ କୁହାଯାଏ । ଆମ ଦ୍ୱାରା ନିତ୍ୟ ନବୀନ ଭଲ-ମନ୍ଦ, ସତ-ଅସତ, ଶୁଭ-ଅଶୁଭ ଯାହା ବି କର୍ମ ହୋଇଥାଏ, ତାକୁ ହିଁ କ୍ରିୟାମାଣ କର୍ମ କହନ୍ତି ।

ଏବେ ମନରେ ପ୍ରଶ୍ନ ଉଠେ ଯେ ଭାଗ୍ୟ–ପ୍ରାରବ୍ଧକୁ କ'ଣ ବଦଳାଯାଇ ପାରିବ ନାହିଁ ? କ'ଣ ମନୁଷ୍ୟ ମଧ ପଶୁ-ପକ୍ଷୀ ଅଥବା ଅନ୍ୟ ଜୀବମାନଙ୍କ ପରି ପ୍ରାରବ୍ଧ ଭୋଗ କରିବା ପାଇଁ ବିବଶ ଅଥବା ସେ ନିଜର ଖରାପ ପ୍ରାରବ୍ଧକୁ ଦୂର କରି ନିଜ ପାଇଁ ନୂତନ ସୁଖଦ ପ୍ରାରବ୍ଧର ରଚନା କରିପାରିବ ? କ'ଣ ଜୀବନରେ ହେବାକୁ ଥିବା ଅନିଷ୍ଟ ବା ଅଶୁଭକୁ ଲଂଘନ କରାଯାଇ ନ ପାରେ ? କ'ଣ ପ୍ରାରବ୍ଧକୁ ଲୋପ କରିବା ବା ବଦଳାଇ ଦେବାର କୌଣସି ଉପାୟ ନାହିଁ ?

ଏପରି ଅନେକ ପ୍ରଶ୍ନ ମାନବ ମନରେ ଶତାବ୍ଦୀ ଶତାବ୍ଦୀ ଧରି ଗୁଞ୍ଜିତ ହୋଇଆସୁଛି । ଏପରି ଅନେକ ପୌରାଣିକ କଥା ଅଛି, ଯାହା ମାଧମରେ ଆମକୁ ସହଜରେ ଏହି ପ୍ରଶ୍ନଗୁଡ଼ିକର ସଠିକ ସମାଧାନ ପ୍ରାପ୍ତ ହୋଇଥାଏ ।

ଏପରି ଏକ କଥା ମହାତ୍ମା ମୃକଣ୍ଡୁ ଓ ତାଙ୍କର ପୁତ୍ର ମାର୍କଣ୍ଡେୟଙ୍କ ସହିତ ସମ୍ବନ୍ଧିତ । କଥା ଅନୁସାରେ ଦେବାତ୍ମା ହିମାଳୟର ଉତ୍ତର ଭାଗରେ ସବୁଜିମା ପରିପୂର୍ଣ୍ଣ ବୃକ୍ଷରାଜି, ରଙ୍ଗ-ବେରଙ୍ଗର ସୁଗନ୍ଧିତ ପୁଷ୍ପ ଏବଂ ପର୍ବତଗୁଡ଼ିକ ଦ୍ୱାରା ପରିବେଷ୍ଟିତ ନିଜର ଆଶ୍ରମରେ ମହାତ୍ମା ମୃକଣ୍ଡୁ ନିଜର ଧର୍ମପତ୍ନୀ ମରୁଦ୍ୱାତିଙ୍କ ସହିତ ରହୁଥିଲେ । ହିମାଳୟର ଦିବ୍ୟ, ପାବନ ଓ ସ୍ୱର୍ଗୀୟ ବାତାବରଣରେ ରହି ଦୁହେଁ ବଡ଼ ଶ୍ରଦ୍ଧା ଓ ଭକ୍ତି ପୂର୍ବକ ଭଗବାନ ଶିବଙ୍କ ଆରାଧନା କରୁଥିଲେ ।

ମହାତ୍ମା ମୃକଣ୍ଡୁ ବ୍ରାହ୍ମମୁହୂର୍ତ୍ତରେ ଉଠି ପାଖରେ ପ୍ରବାହିତ ସ୍ୱଚ୍ଛ ଝରଣାରେ ସ୍ନାନ କରୁଥିଲେ ଏବଂ ଭଗବାନ ଶିବଙ୍କ ପୂଜା - ଉପାସନାରେ ଲାଗି ଯାଉଥିଲେ । ସେ ନିଜର ଆଖପାଖରେ ପ୍ରସ୍ଫୁଟିତ ସୁଗନ୍ଧିତ ପୁଷ୍ପଗୁଡ଼ିକୁ ବାଛି ବାଛି ଆଣୁଥିଲେ ଏବଂ ମରୁଦ୍ୱିତି ସେହି ସୁଗନ୍ଧିତ ପୁଷ୍ପଗୁଡ଼ିକରେ ମାଳା ତିଆରି କରୁଥିଲେ । ସେ ସ୍ୱଚ୍ଛ ଚମକୁଥିବା ପାତ୍ରରେ ଆଶ୍ରମର ଗାଈର ଦୁଧ ଦୁହୁଁଥିଲେ । ପୁଣି ପତି-ପତ୍ନୀ ଉଭୟ ଭଗବାନ ଶିବଙ୍କର ପୂଜା କରିବା ପାଇଁ ବସି ଯାଉଥିଲେ । ସେ ଦୁହେଁ ପବିତ୍ର ଜଳ ଓ ଦୁଗ୍ଧ ଦ୍ୱାରା ଭଗବାନ ଶିବଙ୍କର ଅଭିଷେକ କରୁଥିଲେ । ତାଙ୍କୁ ଚନ୍ଦନର ସୁଗନ୍ଧିତ ଲେପ ଲଗାଉଥିଲେ ସୁଗନ୍ଧିତ ପୁଷ୍ପ ଅର୍ପଣ କରୁଥିଲେ, ବିଲ୍ୱପତ୍ର ଚଢ଼ାଉଥିଲେ, ପୁଣି ଧୂପ, ଦୀପ, ନୈବେଦ୍ୟ ଆଦି ଅର୍ପଣ କରି ଭଗବାନ ଶିବଙ୍କ ସ୍ତୁତି ଓ ଆରତି କରୁଥିଲେ ।

ଏହି ପ୍ରକାର ଭଗବାନ ଶିବଙ୍କର ଆରାଧନା କରି କରି ବହୁତ ବର୍ଷ ବିତିଗଲା । ମୃକଣ୍ଡୁ ଓ ମରୁଦ୍ରାତିଙ୍କ ବୟସ ବଢ଼ିବାରେ ଲାଗିଲା ଏବଂ ଏପର୍ଯ୍ୟନ୍ତ କୌଣସି ସନ୍ତାନ ପ୍ରାପ୍ତ ନ ହେବା କାରଣରୁ ସେ ଦୁହେଁ ଚିନ୍ତିତ ବି ରହୁଥିଲେ । ସେମାନେ ଚିନ୍ତା କରୁଥିଲେ ଯେ ଆମର କୌଣସି ପୁତ୍ର ନାହିଁ, ପୁଣି ବାର୍ଦ୍ଧକ୍ୟ ବେଳେ ଆମର ଦେଖାରଖା କିଏ କରିବ ? ଆମ ପରେ ଆଶ୍ରମରେ ଭଗବାନ ଶିବଙ୍କର ପୂଜା-ଆରାଧନା କିଏ କରିବ ? ଆଶ୍ରମର ରକ୍ଷା କିଏ କରିବ ?

ଆହୁରି ମଧ ଚିନ୍ତା ଥିଲା ଯେ ତାଙ୍କର କୌଣସି ପୁତ୍ର ସନ୍ତାନ ନ ହେଲେ ଦେବତାମାନଙ୍କର ପୂଜା ଭଲା କିଏ କରିବ ? ସେତେବେଳେ ଜମି ଚାଷ କରି ଅନ୍ନ ଉତ୍ପାଦନ କରିବାକୁ ପୃଥିବୀ ମାତାଙ୍କ ପୂଜା କରିବାକୁ କୁହାଯାଉଥିଲା । ଆକାଶ, ବାୟୁ, ଅଗ୍ନି ଓ ଜଳ-ପ୍ରକୃତିର ଏହି ବରଦାନଗୁଡ଼ିକୁ ସେମାନଙ୍କ ନିୟମ ଅନୁସାର ପ୍ରୟୋଗ କରିବାକୁ ହିଁ ସେତେବେଳେ ସେମାନଙ୍କର ପୂଜା କରିବା କୁହାଯାଉଥିଲା ଏବଂ ସମଗ୍ର ବିଶ୍ୱର କଲ୍ୟାଣର କାମନା କରିବା ହିଁ ବାସ୍ତବିକ ଶିବ ଉପାସନା ବୋଲି ବୁଝା ଯାଉଥିଲା ।

ସଚ୍ଚା ମନରେ ବିଶ୍ୱକଲ୍ୟାଣର କାମନା କରିବା ଏବଂ ସଂସାରର ସେବା କରିବା ହିଁ ଶିବ ପୂଜାର ପ୍ରମୁଖ ଧେୟ ଥିଲା । ଭଗବାନ ଶିବଙ୍କ ଧାନ କରିବା କ୍ଷଣି ହିଁ ଲୋକମାନଙ୍କର ଧାନ ତାଙ୍କର କଲ୍ୟାଣକାରୀ ପ୍ରବୃତ୍ତି ଉପରେ କେନ୍ଦ୍ରିତ ହୋଇଯାଉଥିଲା । ଏଥିପାଇଁ ପତି- ପତ୍ନୀ ଉଭୟ ଏପରି କୌଣସି ସୁଯୋଗ୍ୟ ପୁତ୍ରରତ୍ନ ପ୍ରାପ୍ତିର ଚିନ୍ତାରେ ବୁଡ଼ି ରହୁଥିଲେ, ଯିଏ କି ତାଙ୍କ ପରେ ତାଙ୍କର ଉତ୍ତରାଧିକାରକୁ ସମ୍ଭାଳି ପାରିବ ଓ ଆଗକୁ ବଢ଼ାଇ ପାରିବ । ତାଙ୍କର ପୁତ୍ର ପ୍ରାପ୍ତି ଚିନ୍ତାର କାରଣ କୌଣସି ବ୍ୟକ୍ତିଗତ ମୋହ ନ ଥିଲା, ବରଂ ବିଶ୍ୱକଲ୍ୟାଣ ହେତୁ ତାଙ୍କର ମହାନ୍ ଭାବନା ଥିଲା ।

ଶେଷରେ ଏହି ଭାବଦଶାରେ ଉଭୟ ପତି-ପତ୍ନୀ ଦିନେ ଆଶ୍ରମରେ ଭଗବାନ ଶିବଙ୍କ ଧାନରେ ବସିଗଲେ ଏବଂ କହିଲେ– "ହେ ଭୋଳାନାଥ ! ଯେତେବେଳ ପର୍ଯ୍ୟନ୍ତ ଆମର ଇଚ୍ଛା ପୂରଣ କରି ନାହାନ୍ତି, ସେତେବେଳ ପର୍ଯ୍ୟନ୍ତ ଆମେ ଏଠାରୁ ଉଠିବୁ ନାହିଁ ।" ଏହି ପ୍ରକାର ବହୁତ ସମୟ ବିତିବାରେ ଲାଗିଲା, କିନ୍ତୁ ତାଙ୍କର ଦୃଢ଼ ସଂକଳ୍ପ ଭାଙ୍ଗିଲା ନାହିଁ । ଶେଷରେ ମହାତ୍ମା ମୃକଣ୍ଡୁ ଓ ତାଙ୍କର ପତ୍ନୀଙ୍କ ତପ-ସାଧନା ଦ୍ୱାରା ଆଶୁତୋଷ ଭଗବାନ ଭୋଳାନାଥ ପ୍ରସନ୍ନ ହେଲେ ।

ଭକ୍ତର ଜିଦ୍ ସମକ୍ଷରେ ଭଗବାନ ଆଶୁତୋଷ ବିବଶ ହେଲେ ଏବଂ ଦିନେ ବ୍ରାହ୍ମମୁହୂର୍ତ୍ତରେ ଯେତେବେଳେ ପତି- ପତ୍ନୀ ଧାନମଗ୍ନ ହୋଇ ବସିଥିଲେ, ସେତେବେଳେ ହଠାତ୍ ଭଗବାନ ଶିବ ପ୍ରକଟ ହେଲେ । ଭଟ୍ଟାଙ୍କିତ ହସ ହସ ମୁହଁ, କପାଳ ଉପରେ ଚମକୁଥିବା ଚନ୍ଦ୍ର, ନେତ୍ରଗୁଡ଼ିକରୁ ଝରୁଥିବା ଜ୍ୟୋତି କଣ, ପ୍ରକାଶବାନ୍ ନୀଳ କଣ୍ଠ ଓ ହାତରେ ତ୍ରିଶୂଳ, ଭଗବାନଙ୍କର ଏହି ଦିବ୍ୟ ସ୍ୱରୂପକୁ ଦେଖି ଉଭୟ ପତି-ପତ୍ନୀ ଅଭିଭୂତ ହୋଇଗଲେ, ଆନନ୍ଦାତିରେକରେ ସେମାନଙ୍କର ରୋମ ରୋମ ପୁଲକିତ ହୋଇ ଉଠିଲା, ଆଖିରୁ ଆନନ୍ଦର ଭାବ ଅଶ୍ରୁ ହୋଇ ବୋହିବାରେ ଲାଗିଲା ଏବଂ ସେ ଦୁହେଁ ନିଃଶବ୍ଦ ହୋଇ ଭଗବାନ ଶିବଙ୍କୁ ଅପଲକ ନୟନରେ ଦେଖିବାରେ ଲାଗିଲେ ।

ଅଧରରେ ମଧୁର ମନ୍ଦହାସ କରି ଭଗବାନ କହିଲେ– 'ମାଗ ବତ୍ସ ! କ'ଣ ମାଗିବାକୁ ଚାହୁଁଛ । 'ଭଗବାନ ଆମକୁ ପୁତ୍ର ପ୍ରାପ୍ତ ହେଉ ।"- ସେମାନେ କହିଲେ । ଭଗବାନ ଶିବ ମୁରୁକି ହସି କହିଲେ– 'କିପରି ପୁତ୍ର ଦରକାର ବତ୍ସ ! ଗୁଣବାନ୍, ପରନ୍ତୁ କମ୍ ଆୟୁବିଶିଷ୍ଟ ଅଥବା ଗୁଣହୀନ ଓ ଦୀର୍ଘାୟୁଯୁକ୍ତ । ଏହା ଶୁଣି ମରୁଦ୍ୱିତି ନିଜ ପତି ମହାତ୍ମା ମୃକଣ୍ଡୁଙ୍କ ଆଡ଼କୁ ଚାହିଁଲେ ଏବଂ ପୁଣି କହିଲେ- ଭଗବାନ ! ଆମକୁ ଗୁଣବାନ୍ ପୁତ୍ର ଦରକାର, ସେ ଭଲା କମ୍‌ଦିନ ପର୍ଯ୍ୟନ୍ତ ଜୀବିତ ରହୁ ପଛେ ।" 'ଏବମସ୍ତୁ' କହି ଭଗବାନ ଶିବ ମେଘ ମଣ୍ଡଳରେ ବିଜୁଳି ସମାନ ଅନ୍ତର୍ଦ୍ଧାନ ହୋଇଗଲେ ।

କିଛି ଦିନ ପରେ ମୃକଣ୍ଡୁ ଦମ୍ପତିଙ୍କ ଘରେ ଏକ ପୁତ୍ର ଜନ୍ମ ହେଲା । ନାମ ରଖାଗଲା ମାର୍କଣ୍ଡେୟ । ଏହି ନାମ ରହିବନି ବା କାହିଁକି ? ମୃକଣ୍ଡୁଙ୍କ ପୁତ୍ର ମାର୍କଣ୍ଡେୟ ହିଁ ତ ବୋଲାଇବ । ମାର୍କଣ୍ଡେୟ ପାଞ୍ଚ ବର୍ଷର ହୋଇଥିବା ବେଳେ ତାଙ୍କର ପିତା ତାଙ୍କୁ ଶିକ୍ଷା-ସଂସ୍କାର ଦେବା ପ୍ରାରମ୍ଭ କରିଦେଲେ । ସେ ବୁଝାଇ କହିଲେ – 'ପୁତ୍ର ମାର୍କଣ୍ଡେୟ ! ତୁମେ ସର୍ବଦା ସତ୍ୟ କହିବ, ପ୍ରକୃତିର ଜୀବମାନଙ୍କ ସହିତ ମିଳିମିଶି ରହିବ, କୌଣସି କାରଣ ନଥାଇ ସେମାନଙ୍କୁ କଷ୍ଟ ଦେବ ନାହିଁ । କର୍ତ୍ତବ୍ୟ ପଥରୁ କେବେହେଲେ ହଟିବ ନାହିଁ । ଆମେ ତୁମକୁ ଭଗବାନ ଶିବଙ୍କ କୃପାରୁ ପାଇଛୁ । ତାଙ୍କର କହିବା ଅନୁସାରେ ତୁମର ଆୟୁ ଅଧିକ ହେବ ନାହିଁ, ପରନ୍ତୁ ଯଦି ତୁମେ ପରିଶ୍ରମ କରିବ ତ ସମସ୍ତ ଗୁଣ ତୁମ ଭିତରେ ନିବାସ କରିବ ।

ମାତା ମରୁଦ୍ୱାତି ମଧ ପ୍ରତିଦିନ ପୁତ୍ରକୁ ଆଶ୍ରମ ସେବାର କର୍ମ ଶିଖାଇଲେ । ବୃକ୍ଷଲତାଗୁଡ଼ିକର ଦେଖାରେଖା କରିବା, ଧରିତ୍ରୀରୁ ଅନ୍ନ ଉତ୍ପାଦନ, ଭୋଜନ ପ୍ରସ୍ତୁତ କରିବାର କଳା, ନିଜର କାମ ନିଜେ କରିବାର ଅଭ୍ୟାସ, ଆଶ୍ରମର ସ୍ୱଚ୍ଛତା ଓ ସୁରକ୍ଷା, ଅନ୍ୟମାନଙ୍କର ସେବା– ସହାୟତା ଏବଂ ସମସ୍ତଙ୍କ କଲ୍ୟାଣର ଭାବନା ସହିତ ଭଗବାନ ଶିବଙ୍କ ପୂଜା-ଆରାଧନା ଆଦି ନିଜ ପୁତ୍ରକୁ ସର୍ବଦା ଶିଖାଇଚାଲିଲେ ।

ମାର୍କଣ୍ଡେୟ ମଧ ନିଜ ମାତା-ପିତାଙ୍କ କହିବା ଅନୁସାର ଜୀବନଯାପନ କରିବାରେ ଲାଗିଲେ । ଧୀରେ ଧୀରେ ମାର୍କଣ୍ଡେୟ ବାର ବର୍ଷରେ ପଦାର୍ପଣ କଲେ, ଋଷି ଅଗସ୍ତ୍ୟଙ୍କ ଠାରୁ ବିଦ୍ୟା ଲାଭ କରିବା ପାଇଁ ତାଙ୍କର ତୀବ୍ର ଇଚ୍ଛା ଥିଲା । ସେହି ସମୟରେ ଦାକ୍ଷିଣାତ୍ୟରେ ଋଷି ଅଗସ୍ତ୍ୟଙ୍କର ବହୁତ ନାମ ଥିଲା ।

ଦକ୍ଷିଣରେ ପହଞ୍ଚି ମାର୍କଣ୍ଡେୟ ସର୍ବପ୍ରଥମେ ଏକ ସୁନ୍ଦର ନୀଳ ରଙ୍ଗର ପଥର ଖୋଜିଲେ ଏବଂ ବଡ଼ ପ୍ରେମ– ପରିଶ୍ରମ ପୂର୍ବକ ତାକୁ ଚିକ୍‌କଣ କରି ଶିବଲିଙ୍ଗ ରୂପେ ପ୍ରସ୍ତୁତ କଲେ ଓ ତାହାକୁ ସ୍ଥାପିତ କଲେ । ପୁଣି ସେ ପ୍ରତିଦିନ ନିୟମ ପୂର୍ବକ ଭଗବାନ ଶିବଙ୍କ ପୂଜା– ଉପାସନା କରିବାରେ ଲାଗିଲେ । ଶିବ ମନ୍ଦିରର ସଫାଇ, ଭଗବାନ ଶିବଙ୍କୁ ଅର୍ପଣ କରିବା ପାଇଁ ଦୁଗ୍ଧ, ବିଲ୍ୱ ପତ୍ର ଆଣିବା, ମନ୍ଦାର ଫୁଲର ମାଳା ତିଆରି କରିବା, ପୁଣି ସ୍ନାନ ସାରି ଭଗବାନ ଶିବଙ୍କୁ ଅର୍ପଣ କରିଦେବା, ଏହା ତାଙ୍କର ନିତ୍ୟକର୍ମ ହୋଇଗଲା । ସେ ଅଗସ୍ତ୍ୟ ଋଷିଙ୍କ ପାଠଶାଳାକୁ ଯାଉଥିଲେ ଏବଂ ସେଠାରେ ମନ ଲଗାଇ ନିଜର କାମ କରୁଥିଲେ । ଆଶ୍ରମକୁ ଦୂରଦୂରାନ୍ତରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ମଧରେ ରହିବା ତାଙ୍କୁ ଭାରି ପସନ୍ଦ ଲାଗୁଥିଲା ।

ଥରେ ସେଠାକୁ ସପ୍ତର୍ଷି ଆସିଲେ । ମାର୍କଣ୍ଡେୟ ବଡ଼ ଶ୍ରଦ୍ଧା ଓ ଭକ୍ତି ପୂର୍ବକ ସପ୍ତର୍ଷିଙ୍କର ସେବା କଲେ । ମରୀଚି, ଅତ୍ରି, ଅଙ୍ଗିରସ, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ – ଏହି ସାତ ଋଷି ତାଙ୍କର ସେବା ଦ୍ୱାରା ବଡ଼ ପ୍ରସନ୍ନ ହେଲେ । ଯଦ୍ୟପି ସେହି ସପ୍ତର୍ଷିଙ୍କର ସ୍ଥାୟୀ ନିବାସ ଆକାଶର ଉତ୍ତର ଭାଗରେ ମାନସରୋବରର ଠିକ୍ ଉପରେ ଧ୍ରୁବ ତାରା ନିକଟରେ ଥିଲା, କିନ୍ତୁ ସେମାନେ କିଛି ଦିନ ପାଇଁ ଦକ୍ଷିଣରେ ହିଁ ରହିଲେ ।

ଶେଷରେ ସେହି ସପ୍ତର୍ଷି ସେଠାରୁ ଯିବା ପାଇଁ ଇଚ୍ଛା କଲେ ଏବଂ ଜଣ ଜଣ କରି ସେହି ସାତ ଋଷି ମାର୍କଣ୍ଡେୟଙ୍କୁ ଆଶୀର୍ବାଦ ଦେଲେ । ସବା ଶେଷରେ ଯେତେବେଳେ ଗୁରୁ ବଶିଷ୍ଠଙ୍କ ମୁହଁରୁ 'ପୁତ୍ର ମାର୍କଣ୍ଡେୟ ଦୀର୍ଘାୟୁ ହୁଅ'– ଏହି ଶବ୍ଦ ବାହାରି ପଡ଼ିଲା ତ ହଠାତ୍ ଋଷି ବଶିଷ୍ଠଙ୍କ ଦୃଷ୍ଟି ମାର୍କଣ୍ଡେୟଙ୍କ ଲଲାଟ ଉପରେ ପଡ଼ିଗଲା । ମାର୍କଣ୍ଡେୟଙ୍କ ଲଲାଟର ସ୍ପଷ୍ଟ ରେଖାଗୁଡ଼ିକ ତାଙ୍କର ଅଳ୍ପାୟୁକୁ ଦର୍ଶାଉଥିଲା । ଋଷି ବଶିଷ୍ଠ ତୁରନ୍ତ ଅନୁମାନ କରିନେଲେ ଯେ ଏହି ବାଳକର ମୃତ୍ୟୁ ଅତି ନିକଟ ଏବଂ ମୋର ଆଶୀର୍ବାଦ ବ୍ୟର୍ଥ ହୋଇଯିବ । ଏହା ଦେଖି ସାତ ଋଷି ବଡ଼ ଚିନ୍ତାରେ ପଡ଼ିଗଲେ । ସେମାନେ ମାର୍କଣ୍ଡେୟଙ୍କ ସେବା ଦ୍ୱାରା ଏତେ ପ୍ରସନ୍ନ ଥିଲେ ଯେ କୌଣସି ପ୍ରକାରେ ତାଙ୍କର ମୃତ୍ୟୁ ଚାହୁଁ ନ ଥିଲେ ।

ସେହି ସମସ୍ତ ଋଷି ତତ୍‌କାଳ ବ୍ରହ୍ମାଜିଙ୍କ ପାଖକୁ ଗଲେ ଏବଂ ତାଙ୍କ ସମ୍ମୁଖରେ ବାଳକ ମାର୍କଣ୍ଡେୟକୁ ଦୀର୍ଘାୟୁ କରିବା ପାଇଁ ପ୍ରାର୍ଥନା କଲେ । ସପ୍ତର୍ଷିଙ୍କ କଥା ଶୁଣି ବ୍ରହ୍ମାଜି ମୁରୁକି ହସିଲେ ଓ କହିଲେ - ଆପଣମାନେ ଚିନ୍ତା କରନ୍ତୁ ନାହିଁ । ଏହି ବାଳକ ତ ଭଗବାନ ଶିବଙ୍କର ଉପାସକ । ଭଗବାନ ଶିବ କ'ଣ ନିଜର ଭକ୍ତକୁ ଛାଡ଼ିଦେବେ ? ତାଙ୍କର ଭକ୍ତ କେବେ ବି କଷ୍ଟ ପାଏ ନାହିଁ ।

ସପ୍ତର୍ଷି ଆଶ୍ୱସ୍ତ ହୋଇ ଫେରିଲେ । ଏଣେ ଦକ୍ଷିଣରେ ପ୍ରବାସ କରିବା ଏବଂ ଅଗସ୍ତ୍ୟ ମୁନିଙ୍କ ଠାରୁ ଶିକ୍ଷା ଗ୍ରହଣ କରିବାରେ ୪ ବର୍ଷ ବିତିଗଲା ତଥା ଏବେ ମାର୍କଣ୍ଡେୟଙ୍କୁ ୧୬ ବର୍ଷ ଚାଲିଥିଲା । ତାଙ୍କର ଜନ୍ମକୁଣ୍ଡଳୀ ଅନୁସାରେ ତାଙ୍କର ଆୟୁ ମାତ୍ର ୧୬ ବର୍ଷ ପର୍ଯ୍ୟନ୍ତ ହିଁ ଥିଲା । ମୃତ୍ୟୁର ଦେବତା ଯମ ମାର୍କଣ୍ଡେୟଙ୍କ ପ୍ରାଣ ହରଣ କରିବାକୁ ତାଙ୍କ ପାଖକୁ ଆସିଲେ, କିନ୍ତୁ ମାର୍କେଣ୍ଡୟ ତ ସେହି ସମୟରେ ନିଜର ଆରାଧ, ନିଜର ଇଷ୍ଟଦେବ ଭଗବାନ ଶିବଙ୍କ ପୂଜାରେ ମଗ୍ନ ଥିଲେ ।

ମାର୍କଣ୍ଡେୟ ଯମଙ୍କୁ ଅଳ୍ପ ସମୟ ଅପେକ୍ଷା କରିବାକୁ କହିଲେ, ଯାହା ଫଳରେ ସେ ଭଗବାନ ଶିବଙ୍କର ପୂଜା ପୂର୍ଣ୍ଣ କରି ପାରିବେ । ବାଳକର କଥା ଶୁଣି ଯମ ବହୁତ ଜୋର୍‌ରେ ହସିଲେ ଓ କହିଲେ– 'ବାଳକ ! ମୃତ୍ୟୁ କେବେ ବି କାହା ପାଇଁ ଅପେକ୍ଷା କରେ ନାହିଁ । ତୁମର ଆୟୁ ଶେଷ ହୋଇଯାଇଛି । ଏବେ ତୁମେ ମୃତ୍ୟୁକୁ ପ୍ରାପ୍ତ କରିବାକୁ ହିଁ ହେବ । ଯମଙ୍କର ଜିଦି ଦେଖି ବାଳକ ମାର୍କଣ୍ଡେୟ ତୁରନ୍ତ ଶିବଲିଙ୍ଗକୁ ନିଜ ଛାତିରେ ଜାବୁଡ଼ି ଧରିଲେ । ସେହି ସମୟରେ ତାଙ୍କର ମନେ ହେଲା ଯେ ସମସ୍ତ ପୃଥିବୀର ଓ ତାଙ୍କ ନିଜର କଲ୍ୟାଣ ମଧ ଶିବଲିଙ୍ଗକୁ ଜାବୁଡ଼ି ଧରି ରହିବା ଉପରେ ହିଁ ନିର୍ଭରଶୀଳ ।

ସେ ଚିନ୍ତା କଲେ କି ଯାହା ବି ହୋଇଯାଉ, କିନ୍ତୁ ସେ ଶିବଲିଙ୍ଗକୁ ଛାଡ଼ିବେ ନାହିଁ । ତେଣେ ଯମ ତାଙ୍କର ପ୍ରାଣ ନେବାକୁ ପୁଣି ଆଗକୁ ବଢ଼ିଲେ ଏବଂ ତାଙ୍କର ପ୍ରାଣ ନେବାକୁ ବାହାରିଲେ । ଫଳରେ ବାଳକ ମାର୍କଣ୍ଡେୟଙ୍କ ଗଳା ରୁନ୍ଧି ହେବାକୁ ଲାଗିଲା ।

ସେ ଚିତ୍କାର କଲେ– 'ହେ ଭଗବାନ । ହେ ଭୋଳାନାଥ ! ହେ ଦେବମାନଙ୍କର ଦେବ ମହାଦେବ ! ହେ ଆଶୁତୋଷ ! ଆପଣ ମୋତେ ରକ୍ଷା କରନ୍ତୁ ।" ନିଜ ଭକ୍ତର ଆକୁଳ ଡାକ, ଆକୁଳ ପ୍ରାର୍ଥନାକୁ ସର୍ବଜ୍ଞ, ସର୍ବବ୍ୟାପୀ ଭଗବାନ ଭୋଳାନାଥ ଭଲା କିପରି ଶୁଣି ନ ଥାନ୍ତେ । ସେତେବେଳେ ଅଚାନକ ଶିବଲିଙ୍ଗ ବାଳକ ମାର୍କଣ୍ଡେୟଙ୍କ ହାତରୁ ଖସିଗଲା ଏବଂ ଭଗବାନ ଶିବ ପ୍ରକଟ ହୋଇଗଲେ ।

ଭଗବାନ ଶିବଙ୍କର ରୌଦ୍ର ରୂପକୁ ଦେଖି ଯମ ସେଠାରୁ ପଳାୟନ କଲେ । ତାପରେ ଭଗବାନ ଭୋଳାନାଥ ବାଳକ ମାର୍କଣ୍ଡେୟଙ୍କୁ ନିଜ କୋଳରେ ବସାଇ ଆଦରରେ ତାଙ୍କ ମୁଣ୍ଡରେ ହାତ ବୁଲାଇଲେ ଏବଂ ତାଙ୍କୁ ଦୀର୍ଘାୟୁ ହେବାର ବରଦାନ ଦେଲେ । ପ୍ରକୃତରେ ଭକ୍ତି ଓ ପ୍ରେମ ବଳରେ ନିର୍ଗୁଣ, ନିରାକାର, ଅବ୍ୟକ୍ତ ବ୍ରହ୍ମ ମଧ ସଗୁଣ, ସାକାର ରୂପରେ ବ୍ୟକ୍ତ ହୋଇ ପାରନ୍ତି ।

ବାଳକ ମାର୍କଣ୍ଡେୟ ଏକଥା ଭଗବାନଙ୍କ ପ୍ରତି ନିଜର ପ୍ରଗାଢ଼ ଭକ୍ତି ଓ ପ୍ରେମ ଦ୍ୱାରା ଚରିତାର୍ଥ କରିଦେଇଥିଲେ । ସେହି ଦିନ ମାର୍କଣ୍ଡେୟଙ୍କ ଆୟୁ ୧୬ ବର୍ଷର ଥିଲା । ଭଗବାନ ଶିବଙ୍କ କୃପାରୁ ତାଙ୍କ ଭିତରେ ଆଜୀବନ ୧୬ ବର୍ଷର ନବଯୁବକ ସମାନ କାର୍ଯ୍ୟ କରିବାର ଶକ୍ତି ଆସିଗଲା ।

ବୃଦ୍ଧାବସ୍ଥାରେ ତାଙ୍କର ଭକ୍ତି ମା' ଦୁର୍ଗାଙ୍କ ଉପରେ ନିବଦ୍ଧ ହେଲା । ଦୁର୍ଗା ତାଙ୍କର ଇଷ୍ଟଦେବ ଭଗବାନ ଶିବଙ୍କର ହିଁ ତ ଶକ୍ତି ଥିଲେ । ଦିନେ ସେ ଭକ୍ତିର ଆବେଶରେ ମା' ଦୁର୍ଗାଙ୍କ ସ୍ତୁତି କରିବାକୁ ଯାଇ ସାତ ଶହ ଶ୍ଳୋକ ବୋଲିଦେଲେ । ଭବିଷ୍ୟତରେ ତାଙ୍କର ଏହି କୃତୀ ଦେବୀ ମାହାତ୍ମ୍ୟ ବା ଦୁର୍ଗା ସପ୍ତଶତୀ ନାମରେ ପ୍ରସିଦ୍ଧ ହେଲା ।

ଆଜି ସାରା ବିଶ୍ୱରେ ଭକ୍ତଗଣ ଦେବୀଙ୍କର ପୂଜା – ଆରାଧନାରେ ମାର୍କଣ୍ଡେୟଙ୍କ ଦ୍ୱାରା ରଚିତ ସେହି ସ୍ତୋତ୍ରକୁ ଗାଉଛନ୍ତି ଏବଂ ଭଗବତୀ ଆଦିଶକ୍ତି ଦୁର୍ଗାଙ୍କ ଠାରୁ ଅନୁଦାନ– ବରଦାନ ପାଉଛନ୍ତି । ମାର୍କଣ୍ଡେୟଙ୍କର ନିଜର ଇଷ୍ଟ ଭଗବାନ ଶିବ ଓ ଦେବୀ ଦୁର୍ଗାଙ୍କ ପ୍ରତି ଅସୀମ ପ୍ରେମ ଥିଲା । ନିଜର ମାତୃଭୂମି ଭାରତବର୍ଷ ପ୍ରତି ମଧ ତାଙ୍କର ଅସୀମ ଅନୁରାଗ ଥିଲା ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ରାମାୟଣ କଥା :ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର



ଡ଼ଃ ପ୍ରମୋଦ କୁମାର ପଣ୍ଡା

ରାମଚନ୍ଦ୍ର ଓ ରାମାୟଣ କେତେ ସୁନ୍ଦର ଶବ୍ଦ ଦିଓଟି । ପରସ୍ପର ନିବିଡ଼ ସୂତ୍ରରେ ବନ୍ଧା । ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପରିପୂରକ । ଗୋଟିକ ବିନା ଅନ୍ୟଟି ଅପୂର୍ଣ୍ଣ । ବିଷ୍ଣୁଙ୍କ ସପ୍ତମାବତାର ପ୍ରଭୁ ରାମଚନ୍ଦ୍ର । ନର ରୂପେ ନାରାୟଣ । ରାମ ଦୁଇଟି ସଂସ୍କୃତ ଶବ୍ଦର ସମାହାର । ରମ୍ ଓ ଘମ । ରମ୍ ଅର୍ଥାତ ରମଣ କରିବା । ଘମ କହିଲେ ବ୍ରହ୍ମାଣ୍ଡରେ ଥିବା ଶୂନ୍ୟସ୍ଥାନକୁ ବୁଝାଏ । ଶାସ୍ତ୍ର କୁହେ, 'ରମନ୍ତେ ଯୋଗୀନଃ ଅସ୍ମିନ ସା ରାମଂ ଉଚ୍ୟତେ 'ଯୋଗୀମାନେ ଧ୍ୟାନ ବଳରେ ଯେଉଁ ଶୂନ୍ୟସ୍ଥାନରେ ରମଣ କରନ୍ତି ତାକୁ ରାମ କୁହାଯାଏ । ଅନ୍ୟ ଏକାର୍ଥରେ ଯିଏ ମନକୁ ଜାଣିପାରେ, ଜିଣିପାରେ ଅଥବା ସନ୍ତୁଷ୍ଟି ପ୍ରଦାନ କରିପାରେ ସିଏ ରାମ । ଦୁଇଟି ବୀଜାକ୍ଷର, 'ଅଗ୍ନି ବୀଜ' ଓ 'ଅମୃତ ବୀଜ'କୁ ନେଇ କୁଳଗୁରୁ ମହର୍ଷି ବଶିଷ୍ଠ ନେମୀପୁତ୍ରଙ୍କ ନାମକରଣ କରିଥିଲେ 'ରାମ' । ଏମିତି ଅନେକାନେକ ବର୍ଣ୍ଣନାତୀତ ନାମାଳଙ୍କାରରେ ଭୂଷିତ ରଘୁକୁଳତିଳକ ରାମଚନ୍ଦ୍ର । ସୀତାପତି ସୁନ୍ଦର । ରାମାୟଣର ମୁଖ୍ୟ ପାତ୍ର ।

ରାମକଥା ଉପରେ ରଚିତ ରାମାୟଣ । ରାମଙ୍କ ଗାଥା ଉପରେ ପର୍ଯ୍ୟବେସିତ ଏହି ଧର୍ମ ପୁରାଣ । ରାମ ଏବଂ ଅୟନ ଶବ୍ଦଦ୍ୱୟର ସନ୍ଧିର ସ୍ୱରୂପ ରାମାୟଣ । ରାମ ପ୍ରଭୁଙ୍କ ପବିତ୍ର ନାମ । ଅୟନ ମାନେ ଯାତ୍ରା । ଅତଃ ରାମାୟଣର ଶବ୍ଦିକ ଅର୍ଥ ରାମଙ୍କ ଯାତ୍ରା । ସାଧାରଣ ଅର୍ଥରେ ଯାତ୍ରାର ଅର୍ଥ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା । ଯାତାୟତ କରିବା । ଅପିତୁ ଏଠି ଯାତ୍ରାର ପରିଭାଷା ଯିବାଆସିବା ଭିତରେ ସୀମିତ ନୁହଁ । ଏଠି ଯାତ୍ରା ଜୀବନଯାତ୍ରାକୁ ବୁଝାଏ । ଜନ୍ମରୁ ଜୀବନ ଓ ଜିଇଁବା । ଜୀବନ ଥିଲେ ଯାତ୍ରା ନିଶ୍ଚିତ । ଅୟ ମଣିଷ ରୂପରେ ରାମଚନ୍ଦ୍ରଙ୍କ ଜନ୍ମ, ଆବିର୍ଭାବ । ତେଣୁ ତାଙ୍କ ଜୀବନରେ ମଧ ଯାତ୍ରା ଅନିବାର୍ଯ୍ୟ । ରାମଙ୍କର ଜୀବନଯାତ୍ରା ବର୍ଣ୍ଣିତ ଗ୍ରନ୍ଥ ରାମାୟଣ ନାମରେ ନାମିତ । ରାମାୟଣ ଘରେ ଘରେ ପରିଚିତ । ସର୍ବଜନବିଦିତ । ସର୍ବଜନାଦୃତ । ସର୍ବଜନପୂଜିତ ପ୍ରଭୁ ରାମ ଓ ରାମାୟଣ । ରାମଚନ୍ଦ୍ର ମର୍ଯ୍ୟାଦା ପୁରୁଷ ଓ ପୁରୁଷ ଉତ୍ତମ । ମର୍ଯ୍ୟାଦା ପୁରୁଷୋତ୍ତମ ଅଟନ୍ତି । ପବିତ୍ର ହିନ୍ଦୁଗ୍ରନ୍ଥ ରାମାୟଣର ଗଭୀର ଅନୁଶୀଳନ ଏହା ଆମକୁ ଶିଖାଏ । ବିଚାର କରି ଦେଖିବା ଆସନ୍ତୁ ଏହାର ସତ୍ୟାସତ୍ୟତା, ପ୍ରାସଙ୍ଗିକତା ଏବଂ ଯୁକ୍ତିଯୁକ୍ତତା ।

କୌଶଲ୍ୟା ଗର୍ଭସମ୍ଭୂତ ରାମଚନ୍ଦ୍ର ଥିଲେ ସତ୍ୟ, ଧର୍ମ, ଦୟା, କ୍ଷମା, ସେବା, କରୁଣା ଓ ସଦାଚାରର ମୂର୍ତ୍ତିମନ୍ତ ପ୍ରତୀକ । ମାତୃପିତୃ ଭକ୍ତ । ସେ ଥିଲେ ଏକାଧାରରେ ଜଣେ ଆଦର୍ଶ ପୁତ୍ର, ଶିଷ୍ୟ, ଭାଇ, ପତି, ପିତା ବନ୍ଧୁ ଓ ରାଜା । ପ୍ରଜାବତ୍ସଳ ରାଜା ଭାବେ ସେ ଯେତିକି ଖ୍ୟାତ ତାଠୁ ଅଧିକ ପରିଚିତ ସମସ୍ତଙ୍କ ସହ ସମାନ ସମ୍ପର୍କ ସ୍ଥାପନ କରିବାରେ । ଯୋଡି ହେବାରେ । ଭାଇଙ୍କୁ ସମାନ ଅଧିକାର ଦେବାରେ । ସମାନ ସ୍ନେହ, ଶ୍ରଦ୍ଧା ଓ ପ୍ରେମ କରିବାରେ । ନିଶାଦରାଜ ଗୁହ୍ୟ, କେଉଁଟରାଜ, ସୁଗ୍ରୀବ ଏବଂ ବିଭୀଷଣ ସମସ୍ତେ ତାଙ୍କର ସମାନ ବନ୍ଧୁ । ସେ ବନ୍ଧୁତା ସ୍ଥାପନ କରୁଥିଲେ ହୃଦୟରୁ । ପାଳନ ମଧ କରୁଥିଲେ ହୃଦୟର ସହିତ । ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ସମାନ ଥିଲେ ତାଙ୍କ ଚକ୍ଷୁରେ ସାବତ ନୁହେଁ । ଅସାମାନ୍ୟ ହେଲେ ମଧ ସାମାନ୍ୟ ବ୍ୟବହାର । ଗୋଟିଏ ବାଣରେ ବିଶାଳ ସମୁଦ୍ର ଶୁଖେଇବା କ୍ଷମତା ଥିଲେ ବି ଯକ୍ଷରାଜ କୁବେରଙ୍କଠାରୁ ମହୋଦଧି ଲଂଘିବା ଓ ସେତୁ ନିର୍ମାଣାନୁମତି ନେବା ତାଙ୍କ ସାମାନ୍ୟ ବ୍ୟବହାର ଓ ମର୍ଯ୍ୟାଦାନୁପାଳନର ପରିଚୟ ଦିଏ । ପିତାଙ୍କ ବଚନ ରକ୍ଷା କରିବାକୁ ଯାଇ ଚଉଦ ବର୍ଷ କାଳ ବନବାସ, କଥା ଦେଇ କଥା ରଖିବା ପାଇଁ ବାଳୀ ବଧ, ଶବରୀ ଭକ୍ତିରେ ପ୍ରସନ୍ନ ହୋଇ ମାତା ସମ୍ବୋଧନ ଓ ତାଙ୍କ ହାତରୁ ଉଚ୍ଛିଷ୍ଟ ଫଳାହାର ଏବଂ ବନବାସ ଯୋଗୁଁ ଲଙ୍କାରେ ପ୍ରବେଶ ନିଷେଧାଦି ତାଙ୍କୁ ମର୍ଯ୍ୟାଦା ପୁରୁଷର ଆଖ୍ୟା ଦିଏ ।

ରାମଚନ୍ଦ୍ର ଥିଲେ ଧୈର୍ଯ୍ୟବାନ । ପତ୍ନୀ ଅପହରଣ ଓ ଅନେକ ଦୁଃଖକଷ୍ଟାଦି ସତ୍ତ୍ୱେ ସେ ଥିଲେ ସର୍ବ୍ଦୈବ ମେରୁ ସଦୃଶ ଅଟଳ, ଅବିଚଳିତ । ପଥଚ୍ୟୁତ, ଲକ୍ଷ୍ୟଭ୍ରଷ୍ଟ, ଧୈର୍ଯ୍ୟହରାଦି ବିଲକ୍ଷଣ ତାଙ୍କ ଜାତକ ବାହାରେ । ସେ ଥିଲେ ଅତ୍ୟନ୍ତ ସାହସୀ, ନିର୍ଭୟ ଏବଂ ଅଭୟ । ହନୁମାନ ଏବଂ ଅଙ୍ଗଦକୁ ସୀତା ଠାବ କରିବାକୁ ପଠେଇବା ତାଙ୍କ ଅସୀମ ଧୈର୍ଯ୍ୟର ପ୍ରମାଣ ଦିଏ । ଯୁଦ୍ଧ ସମୟରେ ଶତ୍ରୁଭ୍ରାତୃ ଶରଣାଗତ ବିଭୀଷଣକୁ ନିଜ ପାଖେ ଅଭୟାଶ୍ରୟ ତାଙ୍କ ଉଦାରତାର ପରିଚୟ ଦିଏ । ଜଣେ କୁଶଳୀ, ନ୍ୟାୟବନ୍ତ ଓ ପ୍ରଜାରଙ୍କ ରାଜା ରୂପେ ରାମଚନ୍ଦ୍ର ସୁବିଦିତ ଥିଲେ । ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ସାମାନ୍ୟ ଧୋବୀର ଲାଂଛନାଭିଯୋଗ ଭିତ୍ତିରେ ମାତା ସୀତାଙ୍କୁ ପୁନଃ ବନଗମନ କରିବାକୁ ପଡିଥିଲା । ସତୀ ସୀତାଙ୍କୁ ଲୋକାପୟଶରୁ ମୁକ୍ତ କରିଥିଲେ ନ୍ୟାୟାସଂଗତ ବିଚାର କରି ।

'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର ।' ଚିତ୍ର ଯେତେ ସୁନ୍ଦର ହେଲେ ମଧ ଚରିତ୍ର ନାହିଁ ତ କିଛି ନାହିଁ । ରାମଚନ୍ଦ୍ର ଥିଲେ ଏକପତ୍ନୀବ୍ରତ । ସେହି ନ୍ୟାୟରେ ମାୟାବିନୀ ସୂର୍ପଣଖାର ଅପୂର୍ବ ଅସତ୍ୟ ରୂପ ଯୌବନରେ ଆକର୍ଷିତ ହୋଇ ନ ଥିଲେ ପ୍ରଭୁ ରାମଚନ୍ଦ୍ର । ତାର ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ସିଧାସଳଖ । ଦଶରଥ ନନ୍ଦନ ରାମଚନ୍ଦ୍ର ଥିଲେ ସରଳ, ସତ୍ୟବାଦୀ, କୃତଜ୍ଞ, ବିନମ୍ର ଓ ଦୃଢ଼ପ୍ରତିଜ୍ଞ । ରାବଣ ଥିଲା ମହାଜ୍ଞାନୀ । ଚତୁର୍ବେଦଜ୍ଞାତା । ପଣ୍ଡିତ ତଥା ନୈଷ୍ଠିକ ବ୍ରାହ୍ମଣ । ଏହା ଅବିଦିତ ନଥିଲା ରାମଚନ୍ଦ୍ରଙ୍କୁ । ଯୁଦ୍ଧକ୍ଷେତ୍ରରେ ଶରବିଦ୍ଧାବସ୍ଥାରେ ଶତ୍ରୁ ହେଲେ ମଧ ତାଠୁ କିଛି ଜ୍ଞାନ ଆହରଣ କରିବା ପାଇଁ ଉପଦେଶ ଦେଇଥିଲେ ଅନୁଜ ଲକ୍ଷ୍ମଣକୁ । 'ରଘୁକୁଳ ରୀତି ସଦା ଚଲି ଆୟି, ପ୍ରାଣ ଯାଏ ପର ବଚନ ନଯାୟି 'ଏହା ଥିଲା କୈକେୟୀଙ୍କୁ ମହାରାଜ ଦଶରଥଙ୍କ ବଚନ । ସେହି ସମାନ ମନ୍ତ୍ରରେ ଦୀକ୍ଷିତ ଥିଲେ ତାଙ୍କ ପୁତ୍ର ରାମଚନ୍ଦ୍ର । ପ୍ରତିକୂଳ ପରିସ୍ଥିତିରେ ଅପ୍ରକୃତିସ୍ଥ ନହୋଇ ସମଗ୍ର ରାକ୍ଷସ କୁଳ ବିନାଶ କରିବାର ଆତ୍ମବିଶ୍ୱାସ ତାଙ୍କ ଦୃଢ଼ପ୍ରତିଜ୍ଞାର ପରିଚୟ ଦିଏ । ସତ୍ୟ ସର୍ବ୍ଦୈବ ସତ୍ୟ । ସତ୍ୟକୁ ସତ୍ୟ ବୋଲି ପ୍ରମାଣିତ କରିବାକୁ କାହାରି ଆଶ୍ରୟର ଲୋଡ଼ା ନଥାଏ । ସତ୍ୟନିଷ୍ଠ କେବେ ଅସତ୍ୟର ଉପଯୋଗ କରେନାହିଁ । ରାମଚନ୍ଦ୍ର ଦୁର୍ଦ୍ଦଶାବସ୍ଥାରେ ମଧ ଅସତ୍ୟାଶ୍ରିତ ହୋଇ ନାହାନ୍ତି । ସତ୍ୟ ହିଁ ନାରାୟଣ, ନାରାୟଣ ହିଁ ସତ୍ୟ ମନ୍ତ୍ରରେ ସର୍ବଦା ଅଭିମନ୍ତ୍ରିତ ଥିଲେ ରାମଚନ୍ଦ୍ର ।

'ମଣିଷ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ 'ଶ୍ରୀମଦ ଭାଗବତର ଅମୂଲ୍ୟ ପଦ । ସମସ୍ତ ଦିବ୍ୟ ଗୁଣର ଅଧିକାରୀ ଥିଲେ ରାମଚନ୍ଦ୍ର । ମାନବୀୟ ଗୁଣ ଏବଂ ମୂଲ୍ୟବୋଧ କେବଳ ତାଙ୍କ ଉଚ୍ଚାରଣରେ ନୁହଁ ଆଚରଣରେ ମଧ ପ୍ରତିଫଳିତ ହେଉଥିଲା । ସେ ଥିଲେ ପୁରୁଷଙ୍କ ମଧରେ ଶ୍ରେଷ୍ଠ, ପୁରୁଷଶ୍ରେଷ୍ଠ । ଉତ୍ତମ ପୁରୁଷ, ପୁରୁଷୋତ୍ତମ । ମର୍ଯ୍ୟାଦା ଲଂଘି ନଥିବାରୁ ମର୍ଯ୍ୟାଦା ପୁରୁଷ ମଧ । ତେଣୁ ରାମଚନ୍ଦ୍ର, ପ୍ରଭୁ ହୁଅନ୍ତୁ କିମ୍ବା ପୁରୁଷ, ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହିବା ଯଥାର୍ଥ ।

ରାମକଥା ରାମାୟଣ ରାମଣୀୟ । ଶିକ୍ଷଣୀୟ । ରାମ ଚରିତକୁ ଆମ ଚରିତ୍ର କରିବା କଥା । ଚାରିତ୍ରିକ ପରିବର୍ତ୍ତନ ଅସମ୍ଭବ ନୁହେଁ । ଲୋଡ଼ା କହିଲେ, ଅଧବସାୟ ଓ ଉପାସନା । ବିଚାର ଓ ବିବେକ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଭାଗ୍ୟ-ଭବିଷ୍ୟକୁ ବଦଳାଇ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ତେଣୁ ନିଜର ମହାନ୍ ଗ୍ରନ୍ଥ ମାର୍କଣ୍ଡେୟ ପୁରାଣରେ ସେ ଅନେକ ସ୍ଥାନରେ ଭାରତ ଭୂମିର ବର୍ଣ୍ଣନା କରିଛନ୍ତି । ଭାରତବର୍ଷର ନଦୀ ଓ ପର୍ବତଗୁଡ଼ିକର ସ୍ତୁତି ଗାଇଛନ୍ତି । ଆଗକୁ ମାର୍କଣ୍ଡେୟ – ଋଷି ମାର୍କଣ୍ଡେୟ ନାମରେ ସୁବିଖ୍ୟାତ ହେଲେ ।

ଏହିପରି ଉକ୍ତ କଥା ମାଧମରେ ଆମେ ଜାଣିବାକୁ ପାଇଲେ ଯେ ମହାତ୍ମା ମୃକଣ୍ଡୁ ଓ ମରୂଦ୍ୱିତିଙ୍କ ଭାଗ୍ୟରେ ସନ୍ତାନ ସୁଖ ଲେଖାଯାଇ ନ ଥିଲା । ମାର୍କଣ୍ଡେୟଙ୍କ ଆୟୁ କେବଳ ୧୬ ବର୍ଷର ହିଁ ଥିଲା, କିନ୍ତୁ ଦୃଢ଼ ସଂକଳ୍ପ, କଠୋର ତପ-ସାଧନା ଓ ଦୃଢ଼ ଭଗବଭକ୍ତିର ଫଳସ୍ୱରୂପ ଅସମ୍ଭବ ବି ସମ୍ଭବ ହୋଇଗଲା । ତପସ୍ୟା ଓ ଭକ୍ତି ବଳରେ ମହାତ୍ମା ମୃକଣ୍ଡୁ ଓ ମାର୍କଣ୍ଡେୟ ନିଜର ପ୍ରାରବ୍ଧକୁ ବି ବଦଳାଇ ଦେଲେ । ବାସ୍ତବରେ ଦୃଢ଼ ସଂକଳ୍ପ କଠୋର ତପସ୍ୟା ଓ ଭଗବଦ୍‌ଭକ୍ତି ବଳରେ ପ୍ରାରବ୍ଧକୁ ମଧ ବଦଳା ଯାଇପାରେ ।


ମନୁଷ୍ୟ ପଶୁବତ୍ ପ୍ରାରବ୍ଧ ଭୋଗକୁ ଭୋଗିବା ପାଇଁ ବିବଶ ନୁହେଁ । ଯଦି ମନୁଷ୍ୟ କେବଳ ପ୍ରାରବ୍ଧ ଭୋଗିବା ପାଇଁ ବିବଶ ହୁଅନ୍ତା ତ ମନୁଷ୍ୟ ଯୋନିକୁ ମଧ ଭୋଗ ଯୋନି କୁହାଯାଆନ୍ତା, କର୍ମ ଯୋନି ନୁହେଁ । କର୍ମ ଦ୍ୱାରା ନିଃସନ୍ଦେହ ଭାଗ୍ୟକୁ ବଦଳାଯାଇ ପାରେ । ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳା ଯାଇପାରେ । ତପସ୍ୟା ଓ ଶିବ– ଆରାଧନା ବଳରେ ଭାଗ୍ୟବଶତଃ, ପ୍ରାରବ୍ଧ ବଶତଃ ଘଟିବାକୁ ଥିବା କୌଣସି ଅପ୍ରିୟ ଘଟଣାକୁ ମଧ ଟାଳି ଦିଆ ଯାଇପାରେ । ପ୍ରକୃତରେ ପ୍ରଚଣ୍ଡ ତପସ୍ୟା ଓ ଅଟଳ ଶିବ-ଆରାଧନା ଦ୍ୱାରା ପ୍ରାରବ୍ଧ (ଭାଗ୍ୟ) ମଧ ବଦଳି ପାରେ । ପ୍ରାରବ୍ଧ ମଧ ଲୋପ ହୋଇପାରେ । ସେଥିପାଇଁ ତ ମାନସକାର ଶ୍ରୀରାମ ଚରିତ ମାନସରେ ଦେବର୍ଷି ନାରଦ ମାତା ପାର୍ବତୀଙ୍କ ମାତା-ପିତାଙ୍କ ପାଖରେ ପହଞ୍ଚିଲେ ଓ କହିଲେ– ହେ ହିମବାନ ! ଶୁଣ, ବିଧାତା କର୍ମଗୁଡ଼ିକର ଆଧାରରେ କାହାର ଲଲାଟରେ (ମାନେ ଭାଗ୍ୟରେ) ଯାହା କିଛି ଲେଖି ଦେଇଛନ୍ତି, ତାକୁ ଦେବତା, ଦାନବ, ମନୁଷ୍ୟ, ନାଗ ଓ ମୁନି କେହି ଲିଭାଇ ପାରିବେ ନାହିଁ, ତଥାପି ମୁଁ ଏକ ଉପାୟ କହୁଛି । ଯଦି ଦେବ ସହାୟତା କରନ୍ତି ତ ତାହା ସିଦ୍ଧ ହୋଇପାରେ ଏବଂ ଭାଗ୍ୟର ଲେଖା ମଧ ବଦଳି ପାରେ । ପ୍ରାରବ୍ଧ ମଧ ଲୋପ ପାଇଯାଇପାରେ । ତୁମ ପୁତ୍ରୀ ଉମାଙ୍କୁ ବର ତ ନିଃସନ୍ଦେହ ସେପରି ହିଁ ମିଳିବ, ଯେପରି ମୁଁ ତୁମ ସମ୍ମୁଖରେ ବର୍ଣ୍ଣନା କଲି ।

'ହେ ହିମବାନ । ଭଗବାନ ଶିବ ସହଜରେ ସମର୍ଥ । କାରଣ ସେ ଭଗବାନ ଅଟନ୍ତି । ତେଣୁ ଏହି ବିବାହରେ ସବୁ ପ୍ରକାରର କଲ୍ୟାଣ ନିହିତ । ହଁ । ମହାଦେବଙ୍କ ଆରାଧନା ବଡ଼ କଠିନ, ତଥାପି ତପ କରିବା ଦ୍ୱାରା ସେ ବହୁତ ଶୀଘ୍ର ସନ୍ତୁଷ୍ଟ ହୋଇଯାଆନ୍ତି, ପ୍ରସନ୍ନ ହୋଇ ଯାଆନ୍ତି । ଏଣୁ ଯଦି ତୁମର କନ୍ୟା ତପ କରନ୍ତି, ତ ତ୍ରିପୁରାରୀ ମହାଦେବ ତାଙ୍କର ପ୍ରାରବ୍ଧକୁ ମଧ ଲୋପ କରିଦେଇ ପାରିବେ ।

'ଭଗବାନ ଶିବ ବରଦାତା, ଶରଣାଗତଙ୍କ ଦୁଃଖଗୁଡ଼ିକର ନାଶକାରୀ, କୃପାର ସମୁଦ୍ର ହୋଇଥାନ୍ତି ଓ ସେବକମାନଙ୍କ ମନକୁ ପ୍ରସନ୍ନ କରିଥାନ୍ତି । ଭଗବାନ ଶିବଙ୍କ ଆରାଧନା ବିନା କୋଟି କୋଟି ଯୋଗ ଓ ଜପ କଲେ ମଧ ବାଞ୍ଛିତ ଫଳ ମିଳେ ନାହିଁ । ଏହି ପ୍ରକାର ଶିବ ଆରାଧନାର ଉପଦେଶ ଦେଇ ଦେବର୍ଷି ନାରଦ ସେଠାରୁ ବିଦାୟ ନେଲେ ।

ଏଣୁ ଏହା ସ୍ପଷ୍ଟ ଯେ ତପସ୍ୟା ଓ ଭଗବଦ୍ ଭଜନ ଦ୍ୱାରା ଆମେ ସଂଚିତ, କ୍ରିୟମାଣ ଓ ପ୍ରାରବ୍ଧ– ଏହି ତିନି କର୍ମକୁ ଭସ୍ମୀଭୂତ କରି ପାରିବା । ଆମେ କେବଳ ନିଜର ଭାଗ୍ୟ ଅଥବା ପ୍ରାରବ୍ଧକୁ ବଦଳାଇ ପାରିବା ନାହିଁ, ବରଂ ଆମେ ମୋକ୍ଷ ଓ ଭଗବତ୍ ପ୍ରାପ୍ତି ମଧ କରି ପାରିବା । ଦୁର୍ଭାଗ୍ୟକୁ ସୌଭାଗ୍ୟରେ ବଦଳାଇବା, ପ୍ରାରବ୍ଧକୁ ଲୋପ କରିବା ଏବଂ ଭଗବତ୍‌କୃପା ଓ ଭଗବଦ୍ ଦର୍ଶନ ପାଇଁ ତପସ୍ୟା, ଭଗବଦ୍ ଆରାଧନା ବଡ଼ ପ୍ରଭାବଶାଳୀ ସାଧନ, ସାଧନା, ନିଜ ଜୀବନରେ କରି ଆମେ ମଧ ନିଃସନ୍ଦେହ ଉଦ୍ଧାର ଓ ଉପାସନା ଓ ଆରାଧନା ଅଟେ । ଶିବ ଆରାଧନାର ପ୍ରୟୋଗ ନିଜ ଜୀବନରେ କରି ଆମେ ମଧ ନିଃସନ୍ଦେହ ଉଦ୍ଧାର ଓ କୃତାର୍ଥ ହୋଇ ପାରିବା ।

## ସୁସ୍ଥ ରଖେ ଦେଶୀ ଆଳୁ



ଦେଶୀଆଳୁ ବା ଖମ୍ବଆଳୁ ଏହାଦେଶର ବିଭିନ୍ନ ଭାଗରେ ଦେଖିବାକୁ ମିଳିଥାଏ । ମାତ୍ର ମଧ ପ୍ରଦେଶରେ ଏହାକୁ ଅଧିକ ଲୋକ ଖାଇଥାନ୍ତି ।ଏପରିକି ଫ୍ରାଏ କରି ଚାର୍ଟ ମଧ କରି ପାରିବେ ।

**ଭରପୁର ଫାଇବର:** ଏଥିରେ ବହୁ ମାତ୍ରାରେ ଫାଇବର ଭରି ରହିଛି, ଯାହା ପେଟ ପାଇଁ ଖୁବ୍ ଲାଭଦାୟକ । ଫାଇବର ପେଟରୁ ବିଷାକ୍ତ ପଦାର୍ଥକୁ ବାହାର କରି ଦେଇଥାଏ । ଫଳରେ କବ୍ଜ, ବଦହଜମୀ ଓ ଗ୍ୟାସ ଆଦି ସମସ୍ୟା ଦୂରହୋଇଥାଏ ।

**ମିଳିଥାଏ ପୋଷକ ତତ୍ତ୍ୱ:** ଦେଶୀଆଳୁ ପୋଷକ ତତ୍ତ୍ୱରେ ଭରପୁର । ଏଥିରେ କ୍ୟାଲସିୟମ, ଆଇରନ, କପର, ମାଙ୍ଗାନିଜ ଓ ଫସଫରସ ଆଦି ବହୁ ମାତ୍ରାରେ ରହିଥାଏ, ଯାହା ବିଭିନ୍ନ ପ୍ରକାର ରୋଗରୁ ରକ୍ଷା କରିଥାଏ ।

**ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି:** ଦେଶୀଆଳୁରେ ଭିଟାମିନ୍ ସି ମଧ ଭରି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହା ବ୍ୟତୀତ କ୍ୟାଲସିୟମ ହାଡ଼ ଓ ଦାନ୍ତକୁ ମଜଭୁତ କରିଥାଏ । ସେହିପରି ଶରୀରରେ ଶ୍ୱେତ ରକ୍ତକଣିକା ମଧ ବଢ଼ାଇଥାଏ, ଯାହା ଫଳରେ କ୍ଷତ ହେଲେ ତାହା ଜଲଦି ଭରିଯାଏ ।

## ଆଜିର ଚିନ୍ତନ

ରାଜା ଭୋଜ ଯୁଦ୍ଧରେ ବିଜୟ ଉପଲକ୍ଷେ ସାରା ନଗରରେ ଏକ ସାମୂହିକ ଭୋଜିର ଆୟୋଜନ କଲେ । ନାନା ପ୍ରକାରର ବ୍ୟଞ୍ଜନ ଏଥିରେ ପ୍ରସ୍ତୁତ କରାଗଲା ଏବଂ ପରଶାଗଲା । ଖାଇବା ଲୋକେ ରାଜା ଭୋଜଙ୍କ ଉଦାରତାର ପରିପୂର୍ଣ୍ଣ ପ୍ରଶଂସା କଲେ, ଯାହାକୁ ଶୁଣି ରାଜା ଭୋଜଙ୍କ ମୁଣ୍ଡ ଅହଂକାରରେ ଉପରକୁ ଉଠିଗଲା ଏବଂ ଅଧିକ ପ୍ରଶଂସା ଶୁଣିବା ଉଦ୍ଦେଶ୍ୟରେ ସେ ବେଶ ବଦଳାଇ ନଗର ଭ୍ରମଣରେ ବାହାରିଲେ ।

ବାଟରେ ତାଙ୍କୁ ଜଣେ କାଠୁରିଆ ଦେଖାହେଲା, ଯିଏ ନିଜ କାନ୍ଧରେ କାଠର ଏକ ଗୋଛା ନେଇ ଯାଉଥିଲା । ରାଜା ଭୋଜ ତାକୁ ଅଟକାଇ କହିଲେ– 'କ'ଣ ଭାଇ ! ଆଜି ତ ରାଜା ଭୋଜ ବଡ଼ ଭୋଜି ଦେଉଥିଲେ, ପୁଣି ଏତେ ଅଧିକ ପରିଶ୍ରମ କାହିଁକି କରୁଛ ? ତୁମକୁ କ'ଣ ରାଜା ଭୋଜଙ୍କର ଆମନ୍ତ୍ରଣ ମିଳି ନ ଥିଲା । ଏହା ଶୁଣି କାଠୁରିଆ କହିଲା– 'ନା ଭାଇ ! ନିମନ୍ତ୍ରଣ ତ ମିଳିଥିଲା, କିନ୍ତୁ ମୁଁ ଭାବିଲି ଯଦି ବିନା ପରିଶ୍ରମରେ ଖାଇବାର ଅଭ୍ୟାସ ହୋଇଯିବ ତ ଜୀବନ ତମାମ ମୋତେ ଏହି ଭଳି ନିମନ୍ତ୍ରଣଗୁଡ଼ିକର ପ୍ରତୀକ୍ଷା କରିବାକୁ ପଡ଼ିବ ଏବଂ ମୁଁ ପରିଶ୍ରମ କରିବାର ପ୍ରବୃତ୍ତି ହରାଇ ବସିବି । ନିଜର ପରିଶ୍ରମରେ ଖାଇବାରେ ହିଁ ଆତ୍ମଗୌରବ ରହିଛି, ଅନ୍ୟର ପ୍ରଦତ୍ତ ସହାୟତାରେ ନୁହେଁ ।

କାଠୁରିଆର କଥା ଶୁଣି ରାଜା ଭୋଜଙ୍କ ଅହଂକାର ବିଗଳିତ ହୋଇଗଲା । ଏହା ସହିତ ତାଙ୍କ ରାଜ୍ୟରେ ଏତେ ନୈଷ୍ଠିକ ନାଗରିକ ନିବାସ କରନ୍ତି ବୋଲି ତାଙ୍କୁ ଗର୍ବାନୁଭୂତି ମଧ ହେଲା ।

ଶ୍ରୀକ୍ଷେତ୍ର
ବର୍ଷ ୨୮, ସଂଖ୍ୟା - ୪୧, ୨୨ - ୨୮ ଡିସେମ୍ବର ୨୦୨୪

# ଗୁଣାତ୍ମକ ଶିକ୍ଷା


ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା । ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା । ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ହିମାଂଶୁ ଶେଖର ଆଚାର୍ଯ୍ୟ ସମ୍ପତ୍ତି କୁହାଯାଏ । ପାଠପଢାରୁ ବଞ୍ଚିତ ଶିଶୁଟି ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ନିକଟରେ ବିଦ୍ୟାଳୟ ଶିକ୍ଷାକୁ ବିକାଶ କରିବାକୁ ବିଶେଷକରି ସରକାରୀ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ଶିକ୍ଷାକୁ ଆହୁରି ଅଧିକ ବଢାଇବାକୁ ପଡିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନିକଟରେ ଆରାଇଜ୍ ସ୍କୁଲ 'ଶିକ୍ଷା ସମ୍ମିଳନୀ-୨୦୨୪ର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଘରୋଇ ବିଦ୍ୟାଳୟ ଓ କୋଚିଙ୍ଗ୍ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କର ଅଧିକ ବିଶ୍ୱାସ ରହିବା ଉଚିତ ।

ଏହା ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭, ୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ । ଏଥସହିତ ୩୭, ୬୩୫ରେ ଖେଳ ପଡିଆ ନଥିବାବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ ନାହିଁ । ଆହୁରି ମଧ ରାଜ୍ୟର ୯୦ ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ । ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାନ୍ତି । ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧରୁ ୧୨, ୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାନ୍ତି । ୨୯, ୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି ।

ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ ଅନୁଭୂତ ହୋଇଛି ।

ଏବେବି ସମୟ ଅଛି । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ଉଚ୍ଚ ଓ ମହାବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ । କାରଣ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ, ସେ ଦେଶର ମାନବ ସମ୍ବଳ ସେତେ ଦକ୍ଷ ତଥା ବିକଶିତ । ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିବା ଏକାନ୍ତ ଅପରିହାର୍ଯ୍ୟ ।



# ଦାନ ନୁହେଁ, କାର୍ଯ୍ୟ

**ମହାତ୍ମା ଗାନ୍ଧୀ**

ସେମାନଙ୍କ ଲାଗି କାର୍ଯ୍ୟ କରୁଥିବା ପୁରୁଷ ଓ ସ୍ତ୍ରୀମାନଙ୍କୁ ସ୍ୱାସ୍ଥ୍ୟକର ଏବଂ ପରିଚ୍ଛନ୍ନ ପରିବେଶରେ ଭୋଜନ ଯୋଗାଇଦେବା ନିମନ୍ତେ ଯଦି ଦାତାମାନେ ସଂସ୍ଥାମାନ ଖୋଲି ପାରନ୍ତେ, ତେବେ ତାହା କେଡେ ଭଲ ଏବଂ ବିବେକସଂପନ୍ନ ନହୁଅନ୍ତା । ମୁଁ ବ୍ୟକ୍ତିଗତ ଭାବରେ ବିଶ୍ୱାସ କରୁଛି ଯେ, ଚରଖା ଅଥବା ତୁଳାକୁ ଲୁଗା ହେବାଲାଗି ଯେଉଁସବୁ ପ୍ରକ୍ରିୟା ମଧଦେଇ ଯିବାକୁ ହୁଏ, ତାହା ଏକ ଆଦର୍ଶ ଧନ୍ଦା ଯୋଗାଇ ଦେଇ ପାରିବ । ମାତ୍ର, ସେଇଟି ନହେଲେ ସେମାନେ ଆଉକିଛି କାର୍ଯ୍ୟକୁ ମଧ ଗ୍ରହଣ କରି ପାରନ୍ତି । କେବଳ, କାମ ନାହିଁତ ଭୋଜନ ନାହିଁ । ଏହି ନିୟମଟି ରହିବା ଉଚିତ । ଅଳସୁଆମାନଙ୍କ ମୁହଁ ଉପରକୁ ମାଗଣା ଭୋଜନ ଫିଙ୍ଗିବାର କାର୍ଯ୍ୟଟି ଯେ ଅଧିକ ସହଜ, ମୁଁ ସେହି କଥାଟିକୁ ଜାଣିଛି, ମାତ୍ର ଭୋଜନ ଯୋଗାଇ ଦିଆଯିବା ପୂର୍ବରୁ କୌଣସି ସାଧୁ ଶ୍ରମ କରିବାର ବ୍ୟବସ୍ଥା ଥାଇ ଅନୁଷ୍ଠାନଟିଏ ଗଠନ କରିବା ପ୍ରକୃତରେ ଅନେକ ଅଧିକ କଷ୍ଟକର । ଆର୍ଥିକ ଦୃଷ୍ଟିକୋଣରୁ, ଅନ୍ତତଃ ଆରମ୍ଭ ଅବସ୍ଥାରେ ପ୍ରଥମେ କାମ ଆଦାୟକରି ଲୋକମାନଙ୍କୁ ଭୋଜନ ଯୋଗାଇ ଦେବାରେ ବର୍ତ୍ତମାନର ମାଗଣା ରନ୍ଧନଶାଳାର ଖର୍ଚ୍ଚ ତୁଳନାରେ ନିଶ୍ଚୟ ଅଧିକ ଅର୍ଥ ବ୍ୟୟ ହେବ । ମାତ୍ର, ମୋ'ର ଦୃଢ଼ ବିଶ୍ୱାସ ରହିଛି ଯେ, ଦୀର୍ଘମିଆଦରେ ଦେଖିଲେ ଏହା ଅଧିକ ଶସ୍ତା ହୋଇଯିବ, ଅବଶ୍ୟ ଯଦି ଆମେ ଏହି ଦେଶକୁ ଅତ୍ୟନ୍ତ ଦ୍ରୁତାର ସହିତ ଆଚ୍ଛାଦିତ କରି ପକାଉଥିବା ବୁଲା ମଣିଷଙ୍କ ଦଳକୁ ମରଣୋତ୍ତର ରୀତିରେ ବଢ଼ାଇ ଦେବାକୁ ଇଚ୍ଛା କରୁଥାଉ, ତେବେ ତାହା ଅବଶ୍ୟ ଅନ୍ୟ କଥା ହେବ ।

ଭୋକରେ ମରୁଥିବା ଏବଂ ଅଳସୁଆ ହୋଇ ବସିଥିବାଗୋଟିଏ ଜାତିକୁ ଭଗବାନ କେବଳ କର୍ମର ରୂପରେ ଆସି ଦେଖା ଦେବାକୁ ଏବଂ କେବଳ ମଜୁରୀ ରୂପରେ ହିଁ ଖାଦ୍ୟ ଆଣି ଦେବାକୁ ସାହସ କରିପାରିବେ ।

ଜଣେ ଲଙ୍ଗଳା ମଣିଷ ପାଇଁ, ଯେଉଁ ବସ୍ତୁର କୌଣସି ଆବଶ୍ୟକତା ନାହିଁ, ସେମାନେ ଅତ୍ୟନ୍ତ ଜରୁରୀଭାବରେ ଆବଶ୍ୟକ କରୁଥିବା କାମ ସେମାନଙ୍କୁ ଯୋଗାଇଦେବା ପରିବର୍ତ୍ତେ ସେହି ବସ୍ତୁକୁ ଯୋଗାଇ ଦେବାକୁ ଯାଇ ମୁଁ ସେମାନଙ୍କର କୌଣସି ଅପମାନ କରିବି ନାହିଁ । ସେମାନଙ୍କର ପୃଷ୍ଠପୋଷକ ହେବାରେ ମୁଁ ଆଦୌ କୌଣସି ଅପରାଧ କରିବି ନାହିଁ, ମାତ୍ର ସେମାନଙ୍କୁ ଦରିଦ୍ର କରି ରଖିବାରେ ମୁଁ ସହାୟକ ହୋଇଛି ବୋଲି ଜାଣି ମୁଁ ସେମାନଙ୍କୁ କଦାପି ମୁଁ ଛାଡି ଯାଇଥିବା ଅନ୍ନ କିମ୍ବା ଫୋପାଡି ଦେଇଥିବା ଲୁଗା ଆଣି ଦେବାକୁ କଦାପି ମନ କରିବିନାହିଁ । ମୁଁ ସେମାନଙ୍କୁ ମୋ' ପ୍ରକୃଷ୍ଟତମ ଖାଦ୍ୟ ତଥା ପ୍ରକୃଷ୍ଟତମ ବସ୍ତ୍ରରେ ଅବଶ୍ୟ ଭାଗ ଦେବି ଏବଂ କର୍ମକ୍ଷେତ୍ରରେ ମଧ ସେମାନଙ୍କ ସହିତ ସାମିଲ ହୋଇଯିବି ।

ମୁଁ ସୁନିଶ୍ଚିତ ଭାବରେ ଅନୁଭବ କରୁଛି ଯେ, ଭିକ୍ଷାବୃତ୍ତିକୁ ପ୍ରୋତ୍ସାହନ ଦେବା ଏକ ମନ୍ଦ କାର୍ଯ୍ୟ ହୋଇଥିଲେ ହେଁ, ମୁଁ କଦାପି କୌଣସି ଭିକାରୀକୁ କାମ ଓ ଖାଦ୍ୟ ନ ଦେଇ ମଧ ଦୁଆରୁ ଫେରାଇଦେବି ନାହିଁ । ଯଦି ସେ କାମ ନକରିବ, ତେବେ ମୁଁ ତାକୁ ଖାଦ୍ୟ ଦେବି ନାହିଁ ଓ ଚାଲିଯିବାକୁ କହିବି । ଖଞ୍ଜ ଓ ବିକଳାଙ୍ଗମାନଙ୍କ ପରି ଯେଉଁମାନେ କାମ କରିବାକୁ ଅକ୍ଷମ ହୋଇ ରହିଥିବେ, ରାଷ୍ଟ୍ର ହିଁ ସେମାନଙ୍କର ଭରଣପୋଷଣ କରିବ । ଅବଶ୍ୟ ଅନ୍ଧତାର ଛଳନା କରି ବା ଏପରିକି ପ୍ରକୃତ ଅନ୍ଧତାର ଆଢୁଆଳରେ ମଧ ବର୍ତ୍ତମାନ କେତେ କେତେ ପ୍ରତାରଣା କରାଯାଉଛି । ଅସଦୁପାୟରେ ଅର୍ଥ ଉପାର୍ଜନ କରି କେତେ କେତେ ଅନ୍ଧ ଧନୀ ହୋଇଛନ୍ତି । ଯଦି ସେମାନଙ୍କୁ ଏକ ଆଶ୍ରୟ ସଦନକୁ ନିଆ ଯାଆନ୍ତା ଏବଂ ଏହିପରି ଭାବରେ ପ୍ରଲୋଭନର ଜାଲରେ ପଡିବାକୁ ଦିଆ ନ ଯାଆନ୍ତା, ତେବେ ତାହା ଏକ ଭଲ କଥା ହୁଅନ୍ତା ।

ନାମାତୀତ ଏବଂ ମନୁଷ୍ୟର ବୋଧଶକ୍ତି ଲାଗି ଅଗମ୍ୟ ହୋଇ ରହିଥିବା ଈଶ୍ୱରଙ୍କୁ ଜାଣିବା ପାଇଁ ମନୁଷ୍ୟ ସମାଜ ଯେଉଁ କୋଟି କୋଟି ନାମ ବ୍ୟବହାର କରିଥାଏ, ଦରିଦ୍ରନାରାୟଣ ହେଉଛି ତାହାର ଭିତରୁ ଗୋଟିଏ । ଏହାର ଅର୍ଥ ହେଉଛି ଦରିଦ୍ରମାନଙ୍କର ଭଗବାନ, ଦରିଦ୍ରମାନଙ୍କର ହୃଦୟରେ ଆବିର୍ଭୂତ ହେଉଥିବା ଭଗବାନ ।

ଦରିଦ୍ରମାନଙ୍କ ନିମନ୍ତେ ଯାହା ଆର୍ଥିକ, ତାହା ହିଁ ଆଧ୍ୟାତ୍ମିକ । ଉପବାସରେ ବଞ୍ଚୁଥିବା ସେହି କୋଟି କୋଟି ମନୁଷ୍ୟଙ୍କୁ ତୁମେ ଆଉ ଅନ୍ୟ କୌଣସି ବସ୍ତୁଦ୍ୱାରା ଉଦବୁଦ୍ଧ କରାଇ ପାରିବ ନାହିଁ । ଆଉ ସବୁକିଛି ଲାଗି ସେମାନଙ୍କର କାନ ବଧିର ହୋଇ ରହିଥିବ । ମାତ୍ର, ଯଦି ତୁମେ ଖାଦ୍ୟ ନେଇ ସେମାନଙ୍କ ପାଖିକୁ ଯାଇ ପାରିବ, ତେବେ ସେମାନେ ତୁମକୁ ସେମାନଙ୍କର ଭଗବାନ ବୋଲି ଅନୁଭବ କରିବେ । ସେମାନେ ଅନ୍ୟ କୌଣସି ଭାବନା ଲାଗି ସମର୍ଥ ହେବେ ନାହିଁ । ମୋ'ର ଏହି ହାତରେ ମୁଁ ସେମାନଙ୍କ ଠାରୁ ମଇଳା ପଇସାଟିଏ ଲେଖାଏଁ ସଂଗ୍ରହ କରିଛି ଯେଉଁ ପଇସାଟିକୁ ସେମାନେ ନିଜର ଛିଣ୍ଡା ପିନ୍ଧା ଲୁଗାରେ ଗଣ୍ଠି ପକାଇ ରଖିଥିଲେ, ସେହି ପଇସାଗୁଡିକୁ ସଂଗ୍ରହ କରିଛି । ସେମାନଙ୍କ ଆଗରେ ତୁମେ ଆଧୁନିକ ଅଗ୍ରଗତିଗୁଡିକ ବିଷୟରେ କିଛି କହିବ ? ସେମାନଙ୍କ ଆଗରେ ବୃଥା ଭଗବାନଙ୍କର ନାମ ନେଇ ତୁମେ ସେମାନଙ୍କରଅପମାନ କରିବ ? ସେମାନଙ୍କ ଆଗରେ ଭଗବାନଙ୍କ କଥା କହିଲେ ସେମାନେ ତୁମକୁ ଓ ମୋତେ ବଦମାଶ୍ ବୋଲି କହିବେ । ଯଦି ସେମାନେ ଆଦୌ କୌଣସି ଭଗବାନଙ୍କୁ ଜାଣିଥାଆନ୍ତି, ତେବେ ସିଏ ହେଉଛନ୍ତି ଭୀଷଣତା ଏବଂ ପ୍ରତିଶୋଧର ଏକ ଭଗବାନ୍, ସିଏ ହେଉଛନ୍ତି ଜଣେ କ୍ରୂର ଉତ୍ପୀଡନକାରୀ ଭଗବାନ ।

ଯେଉଁ ଶ୍ରମକ୍ଲିଷ୍ଟ କୋଟି କୋଟି କେବଳ ମନୁଷ୍ୟ ଦିନକୁ ଗୋଟିଏ ବକତ ବି ପେଟ ପୁରାଇ ଖାଇବାକୁ ପାଆନ୍ତି ନାହିଁ ଏବଂ ଖଣ୍ଡେ ବାସି ରୁଟି ଓ ଚିମୁଟାଏ ଲୁଣରେ ଗୁଜରାଣ ମେଣ୍ଟାଇବାକୁ ବାଧ ହେଉଥାନ୍ତି, ମୁଁ ସେହିମାନଙ୍କ ପାଇଁ ସ୍ୱରାଜ୍ୟ ହାସଲ କରିବାକୁ କାର୍ଯ୍ୟ କରୁଛି ।

ସେମାନଙ୍କ ପାଖରୁ ଈଶ୍ୱରଙ୍କର ବାଣୀକୁ ବହନ କରି ନେବାକୁ ମୁଁ କେବେହେଲେ ସାହସ କରିବି ନାହିଁ । ଏଇ ସେଠାରେ ଛିଡା ହୋଇଥିବା କୁକୁର ଆଗରେ ଭଗମାନଙ୍କର ସନ୍ଦେଶକୁ ନେଇ ରଖିଦେବାକୁ ଚେଷ୍ଟା କରିବା ଯାହା, ସେହି କ୍ଷୁଧାର୍ତ୍ତ କୋଟି କୋଟି ମଣିଷଙ୍କ ଆଗରେ ମଧ ତାଙ୍କର ବାର୍ତ୍ତା କହିବା ମଧ ଠିକ୍ ସେଇଆ । ସେହି ମଣିଷମାନଙ୍କର ଆଖି ଉପରେ ଆଦୌ କୌଣସି ଜ୍ୟୋତି ନାହିଁ ଏବଂ ସେମାନେ ସେମାନଙ୍କର ରୁଟିକୁ ହିଁ ଏକମାତ୍ର ଭଗବାନ ବୋଲି ଜାଣିଛନ୍ତି । ସେମାନଙ୍କ ପାଖକୁ ପବିତ୍ର କର୍ମସଂସ୍ଥାନର ବାର୍ତ୍ତାକୁ ବହନ କରି ନେଇ ହିଁ ମୁଁ ସେମାନଙ୍କ ପାଖକୁ ଭଗବାନଙ୍କର କୌଣସି ସନ୍ଦେଶକୁ ନେଇ ଯାଇ ପାରିବି ।

ସକାଳେ ଏକ ଚମତ୍କାର ଜଳଯୋଗ ପରେ ଏଠାରେ ଆମେ ଯେଉଁମାନେ ବସିଛୁ ଏବଂ ଆହୁରି ଅଧିକ ତୃପ୍ତିଦାୟକ ଏକ ମଧ୍ୟାହ୍ନଭୋଜନ ଲାଗି ଅପେକ୍ଷା କରିଛୁ, ଆମ ଆଗରେ ଭଗବାନଙ୍କ ବିଷୟରେ କିଛି କହିବା ଅବଶ୍ୟ ଉତ୍ତମ ହେବ । ମାତ୍ର ଯେଉଁ ଉପବାସୀ କୋଟି କୋଟି ମନୁଷ୍ୟ ଦିନକୁ ଦୁଇବେଳା ଖାଇବାକୁ ପାଉନାହାନ୍ତି, ସେମାନଙ୍କ ଆଗରେ ମୁଁ କିପରି ଭଗବାନଙ୍କ କଥାକୁ ଯାଇ କହିପାରିବି ? ସେମାନଙ୍କ ଲାଗି ଭଗବାନ କେବଳ ରୁଟି ଓ ଲହୁଣିର ବେଶ ଧରି ହିଁ ଆସିପାରିବେ । ହଁ ଭାରତ ବର୍ଷର କୃଷକମାନେ ନିଜ ନିଜର ଜମିରୁ ନିଜର ରୁଟି କମାଇ ପାରୁଥିଲେ । ଯେପରି ସେମାନେ ତା'ର ସହିତ ଟିକିଏ ଲହୁଣି ଖାଇବାକୁ ପାଇପାରିବେ, ମୁଁ ସେଥିପାଇଁ ସେମାନଙ୍କୁ ଚରଖା ଆଣି ଦେଲି । ବର୍ତ୍ତମାନ ଯେ, ମୁଁ ମୋ ଆଣ୍ଠୁ ନଲୁଚୁଥିବା ଲୁଗାଟିକୁ ପିନ୍ଧି ଏପରି ଭାବରେ ବାହାରିଛି, ତାହାର କାରଣ ହେଉଛି ଯେ, ମୁଁ ମୋ ସେହି ଅର୍ଦ୍ଧୋପବାସୀ, ଅର୍ଦ୍ଧ ଉଲଗ୍ନ ମୂକ କୋଟି କୋଟି ଲୋକଙ୍କର ଏକମାତ୍ର ପ୍ରତିନିଧି ହୋଇ ବାହାରିଛି ।

ମୋ'ର କୋଟି କୋଟି ଜନସାଧାରଣଙ୍କୁ ମୁଁ ଭଲ ଭାବରେ ଜାଣିଛି । ଦିନମାନର ଚବିଶ ଘଣ୍ଟା ମୁଁ ସେହିମାନଙ୍କ ସାଙ୍ଗରେ ଅଛି । ସେହିମାନଙ୍କର ସେବା ହିଁ ମୋର ସର୍ବପ୍ରଥମ ଓ ସର୍ବଶେଷ କାର୍ଯ୍ୟ, କାରଣ ସେହି ମୂକ ଜନଗଣଙ୍କର ହୃଦୟ ଭିତରେ ଯେଉଁ ଭଗବାନ ବିରାଜମାନ ରହିଛନ୍ତି ତାଙ୍କରି ବ୍ୟତୀତ ମୁଁ ଅନ୍ୟ କୌଣସି ଭଗବାନଙ୍କୁ ଆଦୌ ସ୍ୱୀକାର କରେ ନାହିଁ । ସେମାନେ ତାଙ୍କର ଉପସ୍ଥିତିକୁ ଜାଣିପାରୁ ନାହାନ୍ତି, ମାତ୍ର ମୁଁ ତାଙ୍କୁ ଦେଖିପାରୁଛି, ଚିହ୍ନି ପାରୁଛି । ସେହି କୋଟି କୋଟି ଜନଗଣଙ୍କର ସେବା କରିବାର ମାଧମରେ ମୁଁ ସତ୍ୟରୂପୀ ଭଗବାନଙ୍କର ଅଥବା ଭଗବାନରୂପୀ ସତ୍ୟର ହିଁ ଉପାସନା କରୁଛି ।

# ପଥୁରି ରୋଗରୁ ମୁକ୍ତି ଦିଏ ପାଳଙ୍ଗ


ପାଳଙ୍ଗ ରସକୁ ନଡିଆ ପାଣିରେ ସମାନ ମାତ୍ରାରେ ମିଶାଇ ସକାଳେ ଏବଂ ସନ୍ଧ୍ୟା ସମୟରେ ପିଇଲେ ପଥୁରି ହୋଇଥିଲେ ଏହା ମିଳେଇ ବାହାରକୁ ଚାଲିଆସେ ।

କାକୁଡି, ପାଳଙ୍ଗ ଏବଂ ଗାଜରକୁ ସମାନ ମାତ୍ରାରେ ନେଇ ଏହାର ଜୁସ୍ ପ୍ରସ୍ତୁତ କରି ପିଇଲେ କେଶ ଲମ୍ବା ଏବଂ ଘଞ୍ଚ ହୋଇଥାଏ ।

ପାଳଙ୍ଗ ଶାଗର ଗୋଟିଏ ଗ୍ଲାସ ଜୁସ୍ ସ୍ୱାଦ ଅନୁସାରେ ସୈନ୍ଧବ ଲବଣ ପକାଇ ପିଇଲେ ଆଜମା ଏବଂ ଶ୍ୱାସ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳେ ।

ଜଣ୍ଡିସ୍ ହୋଇଥିଲେ ପାଳଙ୍ଗ ରସକୁ କଞ୍ଚା ଅମୃତଭଣ୍ଡା ସହିତ ମିଶାଇ ଖାଇଲେ ଭଲ ।

ରକ୍ତଚାପ ହୋଇଥିବା ରୋଗୀ ପ୍ରତ୍ୟେକ ଦିନ ପାଳଙ୍ଗ ଖାଇବା ଉଚିତ । ଏହାଦ୍ୱାରା ରକ୍ତ ସଞ୍ଚାଳନ ନିୟନ୍ତ୍ରିତ ହୋଇଥାଏ ।



# ଚନ୍ଦନର ଉପକାରିତା

ଚନ୍ଦନର ତେଲ କେଶକୁ ମଜଭୁତ କରିବା ସହ ଝଡିବା ବନ୍ଦ କରିଥାଏ । ଏହା କେଶକୁ ଉତ୍ତମ ପୋଷଣ ଦେବା ସହ ଚମକ ଆଣିଥାଏ ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ । ଚନ୍ଦନକାଠିରେ ଥିବା ଆଣ୍ଟିମାଇକ୍ରୋବିୟାଲ୍ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂର କରେ ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଣ୍ଟିସେପ୍ଟିକ୍ ଭଳି କାର୍ଯ୍ୟ କରେ । ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ ।

ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପଇଁ ଲାଭଦାୟକ । ଅତ୍ୟଧିକ ଗରମ ପଡିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ । ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ ।

ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ । ଏହା କ୍ଷତକୁ ଭଲ କରେ । ତେବେ ଏହି ତେଲକୁ



ସିଧାସଳଖ ବ୍ୟବହାର ନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହାର କରିବା ଭଲ । ଚନ୍ଦନରେ ଆଣ୍ଟିସ୍ପାସମୋଡିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ । ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ । କାଶ ରୋଗକୁ ଭଲ କରେ ।

ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ । ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଏ ।

ଆରୋମା ଥେରାପି ବା ସୁଗନ୍ଧି ଚିକିତ୍ସାରେ ଚନ୍ଦନ ତୈଳକୁ ବ୍ୟବହାର କରାଯାଇଥାଏ । ଶାରୀରିକ ଓ ମାନସିକ କ୍ଳାନ୍ତିକୁ ଏହା ଦୂରକରେ । ଏହି ତୈଳରୁ ମିଳୁଥିବା ବିଭିନ୍ନ ପ୍ରାକୃତିକ ତତ୍ତ୍ୱ ମସ୍ତିଷ୍କରେ ସିରୋଟୋନିକ୍ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଦୁଶ୍ଚିନ୍ତା ଦୂର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୁଏ ।

ଦାନ୍ତ ବିନ୍ଧା ହେଉଥିଲେ ଲବଙ୍ଗତେଲ ପରି ଚନ୍ଦନ ତେଲ ମଧ ଯନ୍ତ୍ରଣା ନିବାରକ ଭାବେ କାର୍ଯ୍ୟ କରିଥାଏ । କେବଳ ସେତିକି ନୁହେଁ ଏହା ଦାନ୍ତର ମାଢ଼ିକୁ ମଧ ଶକ୍ତ କରିଥାଏ । ସେଥିପାଇଁ ବିଭିନ୍ନ ପ୍ରକାର ଦନ୍ତମଞ୍ଜନରେ ଚନ୍ଦନର ବ୍ୟବହାର ହୋଇଥାଏ ।

ଚନ୍ଦନ ଘୋରି ଶରୀରରେ ଲଗାଇବା ଦ୍ୱାରା ଏହା ଦେହରୁ ଝାଳ ବୋହିବା କମ୍ କରିଦିଏ । ଏହାଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହୁଏ ।

ଦୁଇଚାମଚ ବାଦାମ ତେଲ, ପାଞ୍ଚ ଚାମଚ ନଡିଆ ତେଲ ଏବଂ ଚାରି ଚାମଚ ଚନ୍ଦନ ପାଉଡର ଏସବୁକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟ ତ୍ୱଚାରେ ଲଗାନ୍ତୁ । ଏହା ତ୍ୱଚାରୁ କଳାପଣ ଦୂର କରିବା ସହ ଏକ ଚମକ ଆଣିଥାଏ ।

ତେବେ ଚନ୍ଦନର ଉପଯୁକ୍ତ ବ୍ୟବହାର ବିନା ଏହା ଲାଭ ଦେବା ବଦଳରେ କେତେକ ସମସ୍ୟା ସୃଷ୍ଟି କରିଥାଏ । ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶ ନେଇ ଏହାର କେତେକ ପ୍ରୟୋଗ କରାଯିବା ଦରକାର ।

# ସ୍ୱାସ୍ଥ୍ୟ ଉପକାରୀ କଲରା

ଆମେ ସମସ୍ତେ ଜାଣିଛେ କଲରାରେ ବହୁ ପରିମାଣର ଭିଟାମିନ୍ ମହଜୁତ୍ ରହିଥାଏ, ଯାହାଦ୍ୱାରା ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କଲେ ଆମକୁ ଅନେକ ପ୍ରକାରର ରୋଗରୁ ଉପଶମ ମିଳିଥାଏ ।



ମଧୁମେହ : ମଧୁମେହ ହୋଇଥିଲେ ଦୈନିକ ୨୦ ଗ୍ରାମ କଲରା ରସ ସକାଳେ ଖାଲିପେଟରେ ପିଇଲେ ୧ ମାସ ମଧରେ ମୂତ୍ର ଶର୍କରା ଓ ରକ୍ତ ଶର୍କରା ନିୟନ୍ତ୍ରଣ ହୁଏ ।

ଗଣ୍ଠିବାତ : କଲରାକୁ ଛାଣି ଏହାର ଶେଷ ଭାଗକୁ ନିଆଁରେ ରଖି ପୋଡିବ । ଶିଟିଗୋଲାପରେ ଏହାକୁ ବାହାର କରିଛେଚି ସେଥିରେ ଟିକେ ଚିନି ମିଶାଇ ରୋଗୀଙ୍କୁ ଗରମ ଗରମ ଖୁଆଇ ଦେବେ । ପ୍ରତିଥର ୧୦ ଗ୍ରାମ ଲେଖାଏଁ ଖାଇବାକୁ ଦିଅନ୍ତୁ । ଏହିପରି ଭାବରେ ରୋଗୀକୁ ୧୦ ଦିନ ପର୍ଯ୍ୟନ୍ତ ଖୁଆଇବ । ଏହାଦ୍ୱାରା ସ୍ନାୟୁଗତ ବାତ, ସନ୍ଧିବାତ ଆଦିରେ ବିଶେଷ ଲାଭ ହୁଏ ଏବଂ ପାଡ଼ାସ୍ଥାନରେ କଲରାର ରସ ବାହାର କରି ଲେପ କରୁଥିବେ । ଏହାର ରସରେ ଗୋଲମରିଚ ଘୋରି ଆଖିର ଉପର ଓ ତଳ ପତାରେ ଲଗାଇଲେ ଭଲ ହୁଏ । ବାନ୍ତିହେଉଥିଲେ : କଲରାର ୨/୩ଟି ମଞ୍ଜି ସମଭାଗରେ ଗୋଲମରିଚ ସହିତ ଶିଳରେ ବାଟି ଅଳ୍ପ ପାଣିରେ ମିଶାଇ ଛାଣି ଟିକେ ଟିକେ ପିଆଇଲେ ପିଲାମାନଙ୍କର ଆଉ ବାନ୍ତି ହେବ ନାହିଁ ।

## ଆପଣ ଜାଣନ୍ତି କି ?

- ସମୁଦ୍ରର ଗଭୀରତା ମାପିବା ପାଇଁ ପାଥୋମିଟର ନାମକ ଯନ୍ତ୍ର ବ୍ୟବହାର କରାଯାଏ ।
- ଭାରତର ପ୍ରଥମ ମୁସଲମାନ ରାଷ୍ଟ୍ରପତି ଥିଲେ ଡକ୍ଟର ଜାକିର ହୁସେନ୍ ।
- ଜଳକୁ ବିଶୁଦ୍ଧ କରିବା ପାଇଁ ଫିଟିକିରିର ବ୍ୟବହାର କରାଯାଏ ।
- କାରାକାସ୍ ହେଉଛି ଭେନେଜୁଏଲା ଦେଶର ରାଜଧାନୀ ।
- ଭେନେଜୁଏଲା ମୁଦ୍ରାର ନାମ ହେଉଛି ଭେନେଜୁଏଲାନ୍ ବୋଲିଭାର ।
- ଭାଟ୍ ପ୍ରଥମ କରି ଫ୍ରାନ୍ସରେ ଲାଗୁ କରାଯାଇଥିଲା ।
- ବ୍ଲଡ ପ୍ରେସର ବା ରକ୍ତଚାପ ମାପିବା ପାଇଁ ସ୍ଫାଇଗୋମୋମାନୋମିଟର ବ୍ୟବହାର କରାଯାଏ ।
- ସାରା ଭାରତରେ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ସଂଖ୍ୟା ୯ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅଧିକ ସଂଖ୍ୟାକମାନବ ସମ୍ବଳ ହରାଇଥିବା ଦେଶ ହେଉଛି ଜାପାନ ।
- ଲଣ୍ଡନରେ ଥିବା ବ୍ରିଟିଶ୍ ମ୍ୟୁଜିୟମ୍ ହେଉଛି ପୃଥିବୀର ସବୁଠାରୁ ବଡ଼ ମ୍ୟୁଜିୟମ୍ ।
- ଭାରତରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଏଟିଏମ୍ ରହିଛି ।
- ଗୋଟିଏ ଏଟିଏମରୁ ୩ଟି କ୍ୟାସେଟ୍ (ଟଙ୍କା ଥାଳି) ଥାଏ ।
- ଏଥିରେ ୧୦୦, ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଭରାଯାଏ ।
- ପ୍ରତିଟି ଥାଳି ୨୨ ବିଡ଼ା ନୋଟ ଧରି ରଖେ ।

# ସ୍ୱାସ୍ଥ୍ୟପ୍ରଦ ଅଶ୍ୱଗନ୍ଧା

ହଜାର ହଜାର ବର୍ଷ ପୂର୍ବରୁ ଅଶ୍ୱଗନ୍ଧା ଏକ ହର୍ବାଲ୍ ଉପଚାର ରୂପେ ଉପଯୋଗ ହୋଇ ଆସୁଛି । ଏହା କେବଳ ଭାରତରେ ନୁହେଁ ବରଂ ଆମେରିକା ଓ ଆଫ୍ରିକାରେ ମଧ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ବ୍ୟବହାର କରାଯାଉଛି । ଭାରତୀୟମାନେ ଅଶ୍ୱଗନ୍ଧାକୁ ବିଶେଷ ଭାବେ ଆୟୁର୍ବେଦ ଚିକିତ୍ସାରେ ବ୍ୟବହାର କରିଆନ୍ତି ।



ଅଶ୍ୱଗନ୍ଧାରେ ଫ୍ଲେବୋନଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ରହିଛି । ଅନୁସନ୍ଧାନରୁ ଜଣାପଡିଛି ଏହା ମସ୍ତିଷ୍କରେ ନ୍ୟୁରୋଲୋଜିକାଲ ଟ୍ରାନ୍ସମିଶନରେ ସୁଧାର ଆଣିବାରେ ସହାୟକ ହୋଇଥାଏ । ଏହାଛଡ଼ା ସ୍ମରଣଶକ୍ତି ପ୍ରଖର କରିବାରେ ମଧ ଏହା ବେଶ୍ ଲାଭକାରୀ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏଲଡିଏଲ୍ ଅକ୍ସିକରଣରେ ହ୍ରାସ ଆଣିଥାଏ, ଯଦ୍ୱାରା ହୃଦରୋଗର ଆଶଙ୍କା ଦୂରହୁଏ । ଏହା ମଧୁମେହ ରୋଗୀଙ୍କ ଠାରେ ମୋତିଆବିନ୍ଦୁ ଭଳି ସମସ୍ୟାରୁ ଦୂରେଇ ରଖେ । ଅଶ୍ୱଗନ୍ଧାରେ ମହଜୁଦ୍ ଆଣ୍ଟିଅକ୍ସିଡାଣ୍ଟ କ୍ୟାନସରକୁ ରୋକିବାରେ ମଧ ସହାୟକ ହୋଇଥାଏ, କିନ୍ତୁ ବିନା ଡାକ୍ତରୀ ପରାମର୍ଶରେ ଏହାର ଉପଯୋଗ ବିପଦପୂର୍ଣ୍ଣ । ସବୁଠୁ ବଡ଼ କଥା ଆଲଜେମର୍ ରୋଗର ଉପଚାରରେ ମଧ ଏହା ସହାୟକ । କେବଳ ସେତିକି ନୁହେଁ, ଗର୍ଭବତୀ ମହିଳାଙ୍କୁ ଏହାର ସେବନ ପାଇଁ ବିଶେଷ ଭାବେ ପରାମର୍ଶ ଦିଆଯାଇଛି । ଏହା ମା'ର ରକ୍ତକୁ ଶୁଦ୍ଧ କରିବା ଓ ତା'ର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ୍ କରିବାରେ ସାହାଯ୍ୟ କରେ । ଏହାଛଡ଼ା ଅଶ୍ୱଗନ୍ଧା ମନକୁ ଶାନ୍ତ ରଖିବା ଓ ଆରାମଦାୟକ ନିଦ ପାଇଁ ସାହାଯ୍ୟ କରେ । ଆୟୁର୍ବେଦିକ ଚିକିତ୍ସାରେ ଏହା ଏକ ଟନିକ୍ ଭଳି ଅବସାଦକୁ ରୋକିବା ଓ ସହନଶକ୍ତିକୁ ବୃଦ୍ଧି କରିଥାଏ । ଏହା ବୟସ ବଢ଼ିବା ପ୍ରକ୍ରିୟାକୁ ମଧ ଧୀମା କରିଥାଏ ।

# ସଂକ୍ରମଣରୁ ରକ୍ଷା କରେ ହଳଦୀ

ଆମ ରାଜ୍ୟରେ ଦୁଇ ପ୍ରକାର ହଳଦୀ ଦେଖାଯାଏ । ଦେଶୀ ବା ଓଡ଼ିଶୀ ହଳଦୀ । କିନ୍ତୁ ବୈଦ୍ୟଶାସ୍ତ୍ର ମତରେ ହଳଦୀ ୪ ପ୍ରକାର । ସାଧାରଣ ହଳଦୀ, କର୍ପୁର ହଳଦୀ, ବନ ହଳଦୀ ଓ ଦାରୁ ହଳଦୀ । ଭାରତୀୟ ବ୍ୟଞ୍ଜନରେ ହଳଦୀ ଅପରିହାର୍ଯ୍ୟ । ଏପରିକି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଧ ହଳଦୀର ଉପସ୍ଥିତି ନିହାତି ଜରୁରୀ ।



ହଳଦୀ ଯେ କେବଳ ସ୍ୱାଦ ବା ଶୁଭ ପାଇଁ ଗ୍ରହଣୀୟ ତା ନୁହେଁ । ଏହା ବିଭିନ୍ନ ପ୍ରକାର ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ହଳଦୀରେ ରୋଗ ପ୍ରତିରୋଧକ ଉପାଦାନ ରହିଛି । ହଳଦୀରେ ଥିବା ତତ୍ତ୍ୱ କରକ୍ୟୁମିନ୍ କାରଣରୁ କ୍ୟାଥେଲି ସାଇଡିନ୍ ଆଣ୍ଟିମାଇକ୍ରୋବାୟଲ ପେପ୍ଟାଇଡ୍ (ସିଏଏମ୍‌ପି) ନାମକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ । ଏହି ପ୍ରୋଟିନ୍ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ । ଫଳରେ ଶରୀର ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇପାରେ । ସାଧାରଣତଃ ଖାଦ୍ୟରେ କରକ୍ୟୁମିନ୍‌ର ମାତ୍ରା ଖୁବ୍ କମ୍ ଥିଲେ ମଧ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ । ବିଶେଷ କରି ଏହି ତତ୍ତ୍ୱ ଅନ୍ତନଳୀରେ ସଂକ୍ରମଣ ରୋକିଥାଏ । ତେଣୁ ହଳଦୀ କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଶରୀରର ପ୍ରତିରକ୍ଷା ମଧ ମଜବୁତ କରିଥାଏ ।

# କହିପାରିବେ କି ?

(୧) ମହାଭାରତରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଗୀତା ଜ୍ଞାନ କେଉଁଠାରେ ଦେଇଥିଲେ ?
(୨) ମୋଗଲ ସମ୍ରାଟ ଆକବର ରାଜ ପରିଷଦରେ କେଉଁ ବିଶିଷ୍ଟ ସଂଗୀତଜ୍ଞଙ୍କୁ ସ୍ଥାନ ଦେଇଥିଲେ ?
(୩) କୃଷ୍ଣ ଚୂଡ଼ା କେଉଁ ଋତୁରେ ଦେଖିବାକୁ ମିଳେ ?
(୪) ପ୍ରସିଦ୍ଧ ନାଟ୍ୟକାର ତଥା କବି କାଳିଦାସ କେଉଁ ଦେଶର ଅଟନ୍ତି ?
(୫) ଅନ୍ଧାରକଣା କେଉଁ ଭିଟାମିନ୍ ଅଭାବରୁ ଶରୀରରେ ଦେଖାଯାଏ ?
(୬) ସୂର୍ଯ୍ୟଠାରୁ ପୃଥିବୀ ପୃଷ୍ଠକୁ କେଉଁ ମାଧମରେ ଶକ୍ତି ସଂଚରିତ ହୁଏ ?
(୭) ଆଇନଷ୍ଟାଇନ୍ କେଉଁ ଗବେଷଣା ପାଇଁ ନୋବେଲ ପୁରସ୍କାର ପାଇଥିଲେ ?
(୮) ଟେଲିଭିଜନର ଉଦ୍ଭାବକ କିଏ ?
(୯) ଭାରତରେ ମୋଗଲ ସାମ୍ରାଜ୍ୟ କିଏ ସ୍ଥାପନ କରିଥିଲେ ?
(୧୦) ନିଖୁଣ କାରୁକାର୍ଯ୍ୟ ଲାଗି କେଉଁ ମନ୍ଦିରକୁ ବ୍ଲାକ ପାଗୋଡ଼ା କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) LTESY | = | 6) SIHTO | = |
| 2) WOLRP | = | 7) LLDAYG | = |
| 3) RMSEMU | = | 8) BRIFEB | = |
| 4) NLOYFD | = | 9) PHEDT | = |
| 5) HHCTU | = | 10) LUCTO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଓ୍ୱାର୍ଡସ ଓ୍ୱାର୍ଥ, ୨.ରବୀନ୍ଦ୍ରନାଥ ଟାଗୋର, ୩. ଆର୍ଯ୍ୟଭଟ୍ଟ, ୪. ଶକ୍ତିକାନ୍ତ ଦାଶ, ୫. ମଙ୍ଗଳ, ୬. ଶାହାଜାହାନ, ୭. ଦଶରଥ, ୮. ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ୯. ହାଡ, ୧୦. ୩୧ ଅକ୍ଟୋବର ୨୦୧୯ ।

***Jumble Words* ର ଉତ୍ତର :-**

(1) MUSIC (2) SLANT(3) QUENCH (4) WOODEN (5) JOKER (6) CRIMP (7) POETRY (8) TATTLE (9) DUNCE (10) KNACK

## ଜନ ପ୍ରତିନିଧିଙ୍କୁ ସରକାରୀ ଅଫିସରମାନେ ସମ୍ମାନ ଦେବାକୁ ବାଧ

ଭୁବନେଶ୍ୱର: ବୁକ୍‌ସର୍କୁଲାର -୪୭ କଡ଼ାକଡ଼ି ପାଳନ ହେବ। ଏଥିରେ ଥିବା ବ୍ୟବସ୍ଥା ଅନୁସାରେ ଏମ୍.ପି ଓ ବିଧାୟକଙ୍କୁ ପ୍ରଶାସନିକ ଅଧିକାରୀମାନେ ସମ୍ମାନ ଜଣାଇବେ। ଅଫିସରମାନେ ଜନପ୍ରତିନିଧିଙ୍କୁ ଅଣଦେଖା କରିପାରିବେ ନାହିଁ। ବୁକ୍ ସର୍କୁଲାରରେ ଥିବା ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ କଥା ଶୁଣି ଆଇନ ପରିସର ଭିତରେ ରହି ପଦକ୍ଷେପ ନେବେ। ପ୍ରତ୍ୟେକ ମାସରେ ଏମ୍.ପି ଓ ବିଧାୟକମାନେ କେଉଁ ବିଭାଗ ସହ କ'ଣ ପତ୍ର ବିନିୟମ କରିଛନ୍ତି ସେ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ହେବ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଏ ନେଇ ସମସ୍ତ ବିଭାଗ ସଚିବଙ୍କୁ ଚିଠି ଲେଖି ବୁକ୍ ସର୍କୁଲାର -୪୭ ଆଧାରରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବିଧାୟକ ଓ ଏମ୍‌ପିମାନଙ୍କ ଚିଠି ଏବଂ ସୁପାରିଶ ଉପରେ ବିଚାର କରିବା ପାଇଁ ଯେଉଁ ବିଭାଗଗୁଡ଼ିକ ଏପର୍ଯ୍ୟନ୍ତ ଗୋଟିଏ ଲେଖାଏ ସ୍ୱତନ୍ତ୍ର ସେଲ୍ ଖୋଲିନାହାନ୍ତି ସେମାନେ ମଧ ତୁରନ୍ତ ଏହି ସେଲ୍ ଖୋଲିବାକୁ କୁହାଯାଇଛି। ଏହି ସେଲ୍ ଦାୟିତ୍ୱରେ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ଓ ଡିଲିଙ୍ଗ୍ ଅଫିସର ମଧ ନିଯୁକ୍ତି ପାଇବେ। ଏମ୍.ପି ଓ ବିଧାୟକଙ୍କ ଚିଠି, ସୁପାରିଶ ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ସେହି ଅଧିକାରୀମାନେ ତୁରନ୍ତ ପଦକ୍ଷେପ ନେବେ। ସମ୍ପୃକ୍ତ ବିଭାଗ ଅଧିନରେ ଥିବା ନିର୍ଦ୍ଦେଶାଳୟ ଓ ଜିଲା – ବ୍ଲକସ୍ତରୀୟ ଅଫିସ୍ ମଧ ବିଧାୟକ ଓ ଏମ୍‌ପିମାନଙ୍କ ଚିଠି ଏବଂ ସୁପାରିଶ ଉପରେ କ'ଣ ପଦକ୍ଷେପ ନେଇଛନ୍ତି ତାହା ପ୍ରତି ମାସର ୧୦ ତାରିଖରେ ନିଜ ବିଭାଗକୁ ପଠାଇବେ, ଯାହାକୁ ସମ୍ପୃକ୍ତ ବିଭାଗ ଏକ ନିର୍ଦ୍ଧାରିତ ଫର୍ମାଟରେ ପ୍ରତି ମାସର ୧୫ ତାରିଖରେ ସାଧାରଣ ପ୍ରଶାସନ ବିଭାଗକୁ ପଠାଇବ। ମୁଖ୍ୟ ଶାସନ ସଚିବ ପ୍ରତି ମାସର ୨୦ ତାରିଖରେ ଏହାର ସମୀକ୍ଷା କରିବେ। ଯେଉଁସବୁ ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବିଭାଗଗୁଡ଼ିକ ତାହା ମଧ ସାଧାରଣ ପ୍ରଶାସନ ବିଭାଗକୁ ଏକ ସ୍ୱତନ୍ତ୍ର ରିପୋର୍ଟ ମାଧମରେ ଜଣାଇବେ। ଯଦି ବୁକ୍ ସର୍କୁଲାର–୪୭ ଉଲଂଘନ ହୋଇଥିବାର କୌଣସି ପ୍ରମାଣ ମିଳେ ତେବେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ ଉକ୍ତ ସର୍କୁଲାରର ରୁଲ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

ବୁକ୍ ସର୍କୁଲାର–୪୭ ବ୍ୟବସ୍ଥା ଅନୁଯାୟୀ ବିଧାୟକ ଓ ଏମ୍.ପିମାନଙ୍କୁ ସରକାରୀ ଅଫିସରମାନେ ଉପଯୁକ୍ତ ସମ୍ମାନ ଦେବାକୁ ବାଧ। ଯଦି କେହି ବିଧାୟକ ଓ ଏମ୍.ପି କୌଣସି ଅଫିସକୁ ଯାଉଛନ୍ତି ସମ୍ପୃକ୍ତ ଅଧିକାରୀ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ ଓ ବିଦାୟ ଦେବେ। ଯଦି ଫୋନ୍ କରିବେ ତାକୁ ମଧ ଗୁରୁତ୍ୱର ସହ ଶୁଣିବେ ଅଥବା ସଙ୍ଗେ ସଙ୍ଗେ କଲ୍ ବ୍ୟାକ୍ କରିବେ। ଯାହାକୁ ସେମାନେ ଏକ ରେଜିଷ୍ଟରରେ ପଞ୍ଜୀକରଣ ମଧ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏଠାରେ ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୦୫ ଡିସେମ୍ବର ୨ ତାରିଖରେ ଜାରି ବୁକ୍ ସର୍କୁଲାର–୪୭ର ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ ପାଇଁ ଅଗଷ୍ଟ ୭ରେ ସମସ୍ତ ବିଭାଗକୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ବିଜେଡି ଶାସନ କାଳରେ ବୁକ୍ ସର୍କୁଲାର-୪୭କୁ ଉଲଂଘନ ନେଇ ବିରୋଧୀ ଦଳ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ। ସରକାରୀ ଅଫିସରମାନେ ଜନପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଦେଉ ନାହାନ୍ତି କିମ୍ବା ବୁକ୍ ସର୍କୁଲାରରେ ଥିବା ବ୍ୟବସ୍ଥାକୁ ପାଳନ କରାଯାଉ ନାହିଁ। ଜନପ୍ରତିନିଧିମାନେ ପଚାରିଥିବା ଉତ୍ତର ମିଳୁନାହିଁ। ପ୍ରଶାସନିକ ଅଧିକାରୀ ଫୋନ୍ ମଧ ଉଠାଉ ନ ଥିବା ଅନେକ ସମୟରେ ବିରୋଧୀ ଦଳ ବିଧାୟକମାନେ ଅଭିଯୋଗ କରୁଥିଲେ।

## ଅରୁଣ ସାହୁ ହେଲେ ବୁଲଗେରିଆ ରାଷ୍ଟ୍ରଦୂତ

ଦେବଗଡ: ଭାରତୀୟ ବିଦେଶ ସେବା ଅଧିକାରୀ ଡକ୍ଟର ଅରୁଣ କୁମାର ସାହୁ ବୁଲଗେରିଆ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ପାଇଛନ୍ତି। ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ କଂସର ଗ୍ରାମର ଡକ୍ଟର ସାହୁ ପୂର୍ବରୁ ୱେଷ୍ଟଇଣ୍ଡିଜ୍‌ର ତ୍ରିନିଦାଦ ଓ ଟୋବାଗୋରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବାସହ ଏବେ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ବେଜିଂ, ଲଣ୍ଡନ, ତେହେରାନ ଏବଂ ଓ୍ୱାଟାଫଓ୍ୱା ଆଦି ବିଭିନ୍ନ ଦେଶରେ ଭାରତୀୟ ରାଷ୍ଟ୍ରଦୂତ ତଥା ଉଚ୍ଚାୟୁକ୍ତ (ହାଇକମିଶନର୍) ଭାବେ ଚାକିରୀ କରି ନିଜର ପାରିଦର୍ଶିତା ପ୍ରତିପାଦିତ କରି ସାରିଛନ୍ତି। ଡକ୍ଟର ସାହୁ ଗତ ୧୯୬୮ ମସିହା ଅଗଷ୍ଟ ୧୪ ତାରିଖ ତିଳେଇବଣି ବ୍ଲକ ତଥା କଂସର ଫାଣ୍ଡି ଅନ୍ତର୍ଗତ ପାଲୁଣିପଡା ଗାଁରେ ଜନ୍ମଗ୍ରହଣ କରି ସ୍ଥାନୀୟ ୟୁପି ଓ ଏମଇ ସ୍କୁଲରେ ନିଜର ଶିକ୍ଷାରମ୍ଭ କରିଥିଲେ। ଏକ ଶିକ୍ଷକ ପରିବାରରେ ଜନ୍ମିତ ଡକ୍ଟର ସାହୁ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ ଓ କଟକ ରେଭେନସା କଲେଜରେ ନିଜର ଉଚ୍ଚଶିକ୍ଷା ସାରି ଲଣ୍ଡନର କିଙ୍ଗସ୍ କଲେଜରୁ ମାଷ୍ଟର ଡିଗ୍ରୀ ହାସଲ କରିବାପରେ ଦିଲ୍ଲୀ ଜବାହରଲାଲ ନେହେରୁ ୟୁନିଭରସିଟିରେ ଉଚ୍ଚତର ଗବେଷଣା କରିଥିଲେ। ଏଥିସହ ଭାରତୀୟ ସାଂସ୍କୃତିକ ପରିଷଦର ଉପ ମହାନିର୍ଦ୍ଦେଶକ ଓ ବିଦେଶ ମନ୍ତ୍ରଣାଳୟର ସଂଯୁକ୍ତ ସଚିବ ଭାବେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିବା ଡକ୍ଟର ସାହୁ 'ବିଶ୍ୱ ଇତିହାସର ଯୁଦ୍ଧ' ଓ 'ଯାଯାବରର ଯାତ୍ରା' ଭଳି ପୁସ୍ତକ ରଚନା କରି ସାରସ୍ୱତ ଜଗତରେ ନିଜକୁ ଅଦ୍ୟାବଧି ସମ୍ପୃକ୍ତି ରଖିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ଆସିଛନ୍ତି।

## ଓପିଜିସି ପକ୍ଷରୁ ଦଳଗାଁ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର

ଝାରସୁଗୁଡ଼ା : ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିଃ ତରଫରୁ ଲଖନପୁର ବ୍ଲକ ଅନ୍ତର୍ଗତ ଦଳଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଦଳଗାଁ ସରପଞ୍ଚ ସନ୍ତୋଷ ରୋହିଦାସ ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରିଥିଲେ। ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ଡାକ୍ତର ଗୋବର୍ଦ୍ଧନ ଲାଲ ଟେବ୍ରିବଲ ଙ୍କ ସହିତ ଝାରସୁଗୁଡାରୁ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡ଼ାକ୍ତର ବୈକୁଣ୍ଠନାଥ କଶ୍ୟପ ଓ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡ଼ାକ୍ତର ସନ୍ତୋଷ କୁମାର ପାଣିଗ୍ରାହୀ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିର ରେ ନେଗୀପାଲି, କଣ୍ଟା ଟିକିରା, ଦଳଗାଁ, ବାସୁପାଲି, ସେନହାମାଲ, ବଡ଼ମାଳ, କାନ୍ସବାହାଲ, ସୋଲପାଲୀ ଆଦି ଗ୍ରାମର ୩୧୫ ରୋଗୀ ଙ୍କ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଶ୍ୱାସନଳୀ ସଂକ୍ରମଣ, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାସ୍ଟ୍ରିକ, ପେଟବ୍ୟଥା, ଏବଂ ବିଭିନ୍ୟ ସ୍ତ୍ରୀ ରୋଗ ର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସି ଏସ ଆର ବିଭାଗ ଦ୍ୱାରା ପରିଚାଳିତ ଏହି ଶିବିରରେ ବିଭାଗର ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରାମିୟାନ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଇବ ଥର୍ମାଲ ଚିକିତ୍ସାଳୟର ପ୍ରଭାତ ବାରିକ ଶିବିର ପରିଚାଳନା କରିଥିଲେ ଓ ସୁଜାତା ନାୟକ, ପୁଷ୍ପା ସୁନିତା ଏକ୍କା, ସନ୍ଧ୍ୟାରାଣୀ କିଷାନ, ଅଗ୍ନିବେଶ ସିଂ, ଅଭିମନ୍ୟୁ ଭୋଇ, କର୍ଣ୍ଣ ବାଗ, କୁଞ୍ଜ ବିହାରୀ ପ୍ରମୁଖ ସହଯୋଗ କରି ଥିଲେ।

## ଝାରସୁଗୁଡ଼ା ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା: ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ବ୍ଲକ୍ ଅଞ୍ଚଳ ଗସ୍ତ କରି ଜନ ଅଭିଯୋଗ ଶୁଣାଣି କରି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ନିକଟରେ ଲଇକେରା, କିର୍ମିରା ବ୍ଲକର ଚାରୋଟି ପଞ୍ଚାୟତରେ ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ତ୍ରିପାଠୀ ଉପସ୍ଥିତ ରହି ଝିର୍ଲାପାଲି ରେ ୭୪ ଟି ଓ ପରମାଣପୁର ରେ ୧୧୭ ଟି ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଗୁଡିକରେ ଘରଡିହ ଜମି, ରାସନ୍ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ଚିକିତ୍ସା ସହାୟତା, ଅଇତାପଡା ରେ ଶବଗୃହ ନିର୍ମାଣ, ଜେ.ପଣ୍ଡକିମାଲରେ ହନୁମାନ ମନ୍ଦିର ଉନ୍ନତିକରଣ, ଖେଳ ପଡିଆ ନିର୍ମାଣ, ସୁଭଦ୍ରା ଯୋଜନାରେ ସାମିଲ, ଧାନର ଏଫଏକ୍ୟୁ ମାନରେ କୋହଳ, ଦପକାର ବନ୍ଦ ଥିବା ସ୍କୁଲକୁ ପୁଣି ଚାଲୁ କରିବା, ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ କୁ ସମ୍ପୂର୍ଣ କାର୍ଯ୍ୟକ୍ଷମ, ପରମାଣପୁର ଓ କାଳିବହାଲ ଭେଡେନ ନଦୀରୁ ବେଆଇନ ବାଲି ଉଠାଣକୁ ବନ୍ଦ କରିବା ଇତ୍ୟାଦି ଅଭିଯୋଗ ହୋଇଥିଲା। ବିଧାୟକ ଶ୍ରୀ ତ୍ରିପାଠୀ ଅଭିଯୋଗର ଶୁଣାଣି କରି ଉପସ୍ଥିତ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିର ରେ ସହକାରୀ ଉପଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା, ବିଡ଼ିଓ ଅଶୋକ କୁମାର ନାଏକ, ତହସିଲଦାର ସୁକାନ୍ତ କୁମାର ନାଏକ, ପିଏ ଆଇଟିଡିଏ ସଞ୍ଜୀବ ପଟେଲ ପ୍ରମୁଖ ବିଧାୟକଙ୍କ ସହ ମଞ୍ଚାସୀନ ଥିଲେ। ଏଥିରେ ଝିର୍ଲାପାଲି ସରପଞ୍ଚ ତିଳୋତ୍ତମା ଛତ୍ରାନ, ପରମାଣପୁର ସରପଞ୍ଚ ଜାହ୍ନବୀ ପଧାନ,ବିଇଓ ସତ୍ୟବ୍ରତ ସାହୁ, ଏଇଇ ମଧୁମିତା ପାଉଲ୍, ବିଏଓ ଭିରୋନିକା ତିର୍କୀ, ବିପିଏଚଓ ଡ଼ା.ଏସ.କେ ବୁଡ଼ା, ସିଡ଼ିପିଓ ତରୁଲତା ପଟେଲ, ବିଏସଏସଓ ମିତାଲି ରଣା, ଗ୍ରାମ୍ୟ ଜଳଯୋଗାଣ ଏଇ ରଞ୍ଜିତା ବାଲା ଦାସ ପ୍ରମୁଖଙ୍କ ସହ ବହୁ ବିଭାଗ ର ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଜେପି ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ, ଉପସଭାପତି ସଞ୍ଜୟ କୁମାର ପୂଜାରୀ, ବରିଷ୍ଠ ସଦସ୍ୟ ସମରେନ୍ଦ୍ର ରାଏ ପ୍ରମୁଖ ଜନସାଧାରଣଙ୍କୁ ସହଯୋଗ କରିଥିଲେ।

## ଜାନୁଆରୀ ୩୦ ଓ ୩୧ରେ ପଶ୍ଚିମ ଓଡିଶା ପାଲା ସମ୍ମିଳନୀ

ସମ୍ବଲପୁର : ଆସନ୍ତା ଜାନୁଆରୀ ୩୦ ଓ ୩୧ ତାରିଖ ଦିନ ସମ୍ବଲପୁର ଠାରେ ପଶ୍ଚିମ ଓଡିଶା ପାଲା ସମ୍ମିଳନୀ ଅନୁଷ୍ଠିତ ହେବ। ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଲା ଗାୟକ ମାନଙ୍କ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଛଡା ଆସନ୍ତା ୮ ଓ ୯ ତାରିଖ ଦିନ ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ପଶ୍ଚିମ ଓଡିଶାରୁ ପାଲା ଗାୟକ କମଳାକାନ୍ତ ନାୟକ, ଅଣ୍ଡାରାମ ଭୋଇ, ଦେବାଧିଚରଣ ପ୍ରଧାନ, ଅର୍ଜୁନ ଛତ୍ରିଆ ଓ ଯଦୁମଣୀ ଭଇଁସାଲଙ୍କୁ ସମ୍ମାନିତ କରାଯିବା ପାଇଁ ସୁପାରିଶ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡା, ସମ୍ପାଦକ ପୁଥୁଳ ଝାଙ୍କର, ଡାକ୍ତର ଧନୀରାମ ପାଣିଗ୍ରାହୀ ଓ ପାଲା ଗାୟକ ଅବିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା: ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଆଇନ ଗତ ପୋଷ୍ୟ ସନ୍ତାନ ଗ୍ରହଣ କୁ ତ୍ୱରାନ୍ୱିତ କରିବା ସହିତ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଅବଗତ କରିବା ସହିତ ଶିଶୁଙ୍କ ଆନୁଷ୍ଠାନିକ ଯତ୍ନ ଓ ଅଣ ଆନୁଷ୍ଠାନିକ ଯତ୍ନ ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଶ୍ରୀ ଆଶିଷ କୁମାର ପଣ୍ଡା ଜିଲ୍ଲାରେ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣକୁ କିପରି ରୋକାଯାଇ ପାରିବ ସେ ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ସଭାପତି ରାଧାକାନ୍ତ ସା ଓ ସମ୍ପାଦକ ମନିଷ ବାଜପେୟୀ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ରେ ଆଇନ ଗତ ପୋଷ୍ୟ ସନ୍ତାନ ଗ୍ରହଣକୁ ଦୃଢ କରିବା ପାଇଁ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଡିଏସ୍‌ପି ବନିତା ମାଝୀ, ଡିପିଏଚଓ ଡାକ୍ତର ମଧୁଳିତା ସାହୁ, ସମାଜ ମଙ୍ଗଳ କଲ୍ୟାଣ ଅଧିକାରୀ ପୁଣ୍ୟ ବତୀ ହେଲେନ ଖେସ ତଥା ପୂର୍ବତନ ଶିଶୁ ମଙ୍ଗଳ ଅଧକ୍ଷ୍ୟ ଆନନ୍ଦିନୀ ପାଢ଼ୀ, ବରିଷ୍ଠ ଆଇନଜୀବି, ଶିଶୁ ଯତ୍ନ ଅନୁଷ୍ଠାନ ର କର୍ମକର୍ତା, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ନିର୍ଦ୍ଦେଶକ ବିଜୟ ପଟ୍ଟନାୟକ, ମେଡିକାଲ ଅଫିସର, କର୍ମକର୍ତା ଓ ଅନ୍ୟେନ୍ୟ ସମାଜସେବୀ ଗଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଶ୍ରୀ ଅରୁଣ କୁମାର ପ୍ରଧାନ ପ୍ରତିପାଳକ ଯତ୍ନ ସମ୍ପର୍କ ରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ଆଗାମୀ ଦିନରେ ବ୍ଲକ ସ୍ତର ରେ ଆଇନଗତ ପୋଷ୍ୟ ସନ୍ତାନ ଓ ପ୍ରତିପାଳକ ଯତ୍ନ ସମ୍ପର୍କିତ ସଚେତନତା କରାଯିବର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଚୂଡ଼ାମଣୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ୟୁନିଟର କର୍ମକର୍ତା ସହଯୋଗ କରିଥିଲେ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ମହନ୍ତ ଅଦ୍ୱୈତ ପ୍ରସାଦ ଦାସଙ୍କ ବ୍ରଜପ୍ରାପ୍ତି ମହୋତ୍ସବ









ସମ୍ବଲପୁର : ମହନ୍ତ ଅଦ୍ୱୈତ ପ୍ରସାଦ ଦାସଙ୍କ ବ୍ରଜପ୍ରାପ୍ତି ମହୋତ୍ସବ ମହାନ୍ତିପଡା ସ୍ଥିତ ଠାକୁରବାଡି ମଠରେ ଅନୁଷ୍ଠିତ ହୋଇଯାଇଛି । ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତର ମୂଳପାଠ ସାଙ୍ଗକୁ ପ୍ରବଚନ ହୋଇଥିବା ବେଳେ ଶ୍ରୀ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଓ ନଗର କୀର୍ତ୍ତନ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ସାଧୁ ସେବାରେ ବୃନ୍ଦାବନର ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ସାଧୁସନ୍ଥଙ୍କୁ ପୂଜାର୍ଚ୍ଚନା କରାଯାଇ କମ୍ବଳ ଓ ବାସନ ଦିଆ ଯାଇଥିଲା । ଏହାଛଡା ସମସ୍ତ ସାଧୁସନ୍ଥଙ୍କ ଉପସ୍ଥିତିରେ ଶ୍ରୀ ଶ୍ରୀନିବାସ ଦାସ ମହାରାଜଙ୍କୁ ମହନ୍ତ ଗାଦିରେ ଅଧିଷ୍ଠିତ କରାଯାଇ ୩ ହଜାର ଭକ୍ତଙ୍କୁ ଅନ୍ନପ୍ରସାଦରେ ଆପ୍ୟାୟିତ କରାଯାଇଥିଲା । ଶ୍ରୀ ପ୍ରଦୀପ ପାଢୀ ଓ ମଧୁ କେଡିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ସହ ଅଦ୍ୱୈତ ବାବାଙ୍କ ସହସ୍ରାଧିକ ଶିଷ୍ୟ ଯୋଗ ଦେଇଥିଲେ ।



# ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



ସମ୍ବଲପୁର : କ୍ଷେତରାଜପୁର ଦୁର୍ଗା ମଂଗଲମ ଠାରେ ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ଓ ଏବିଭିପି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୮୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଶିବିରକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଉତ୍ତରାଂଚଳ ଡିଆଇଜି ହିମାଂଶୁ ଲାଲ, ସିଆର୍‌ପିଏଫ୍ ଡିଆଇଜି ସଂଜୟ ସିଂ, ସମ୍ବଲପୁର ଏସ୍‌ପି ମୁକେଶ ଭାମୁ, ଏବିଭିପିର ନିକୁଞ୍ଜ ଧଳ




ଅତିଥି ଭାବେ ଯୋଗଦେଇ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଯୁବାମଂଚର ରାଜ୍ୟ ସଭାପତି ପରାଗ ଅଗ୍ରୱାଲ ଏବଂ ଏବିଭିପିର ସଂଯୋଜକ ସୁଧାଂଶୁ ବରେଇଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।




# ବୁର୍ଲା ହାଇସ୍କୁଲକୁ ଐତିହ୍ୟ ବିଦ୍ୟାଳୟରେ ପରିଣତ କରାଯିବ: ମୁଖ୍ୟମନ୍ତ୍ରୀ



ବୁର୍ଲା: ବୁର୍ଲା ହାଇସ୍କୁଲକୁ ଗୋଟିଏ ଐତିହ୍ୟ ବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ଯୋଗ ଦେଇ ପ୍ରାଥମିକ ଶିକ୍ଷା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ବୁର୍ଲା ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ ଓଡ଼ିଶା ସରକାର ବଜେଟରେ ବିଶେଷ ଧ୍ୟାନ ଦେଉଛନ୍ତି । ସ୍କୁଲ ହେଉଛି ଗୋଟିଏ ମଣିଷ ତିଆରି କାରଖାନା । ଗୁଣାତ୍ମକ ଶିକ୍ଷା ଓ ମୂଲ୍ୟଯୁକ୍ତ ଶିକ୍ଷା ଉପରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେବା ସହିତ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବରେ ଯୋଗଦେଇ କହିଥିଲେ ଯେ, ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ଶିକ୍ଷାଦାନ କରିବାରେ ଓଡ଼ିଶାର ସର୍ବପ୍ରଥମ ବିଦ୍ୟାଳୟ । ଭାରତରେ ତ୍ରିଭାଷୀ ସୂତ୍ରରେ ଶିକ୍ଷାଦାନ ଲାଗି ନିଷ୍ପତ୍ତି ହେବାର ଅନେକ ପୂର୍ବରୁ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରି ସାରିଥିଲା ।

ଏହି ସମାରାହରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ମଧ ଯୋଗ ଦେଇଥିଲେ ।

ବିଦ୍ୟାଳୟର ପୁରାତନ ଛାତ୍ର ତଥା ବିଧାୟକ ଜୟନାରାୟଣ ମିଶ୍ର ଅତିଥି ଭାବେ ଯୋଗ ଦେଇ ଏଠାରେ କିଭଳି ଯୁକ୍ତ ୨ ବିଜ୍ଞାନ, କଳା ଏବଂ ବାଣିଜ୍ୟ ବିଭାଗ ଖୋଲାଯାଇ ପାରିବ ଏହା ଉପରେ ଗୁରୁତ୍ୱ ଦେଇଥିଲେ । ଏହାକୁ ଅତ୍ୟାଧୁନିକ ବିଦ୍ୟାଳୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ




ଶିକ୍ଷକ ତଥା ଜୟନ୍ତୀ କମିଟି ସଂଯୋଜକ କରନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ଜୟନ୍ତୀ କମିଟି ଅଧ୍ୟକ୍ଷ ରାଜକିଶୋର ଯାଯୋଡିଆ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ । ଆଇନଜୀବୀ ଦୀପ୍ତିକାନ୍ତ ଠାକୁରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ପୁରାତନ ଛାତ୍ର ସଂଘର ସଭାପତି ନିରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବାଶିଷ ନନ୍ଦ ମଧ ଭାଷଣ ଦେଇଥିଲେ । ସୁରେନ୍ଦ୍ର ସିଂହ କାବୁଲିଙ୍କ ସମେତ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଏହି ଅବସରରେ ପୁରାତନ ଛାତ୍ର ଲକ୍ଷ୍ମୀଧର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅଦନ ସୁନା ଓ ବିରେନ୍ଦ୍ର କୁମାର ବିଶି, ଅବସରପ୍ରାପ୍ତ ଶିକ୍ଷକ ପରୀକ୍ଷିତ ମିଶ୍ର, ପଦ୍ମ ଚରଣ ସାହୁ, ଯତୀନ୍ଦ୍ର ମୋହନ ପଣ୍ଡା, ହିମାଂଶୁ ଶେଖର ଠାକୁର, ଗଗନ ବିହାରୀ ଗଡ଼ନାୟକ, ହିରାଧର ଖମାରୀ, କେଳା ରାଉତ, ସନ୍ଧ୍ୟାରାଣୀ ପଟ୍ଟନାୟକ, ରବୀନ୍ଦ୍ର ନାୟକ, ଶାନ୍ତିଲତା ତ୍ରିପାଠୀ, ଜ୍ୟୋସ୍ନା ମହାପାତ୍ର, ସୁଜାତା ମହାପାତ୍ର, ଶାନ୍ତା ରନବିଡା, ରାଜେଶ ମିଶ୍ର, ମିତା ନାଗ, ତନ୍ଦ୍ରା ଷଡଙ୍ଗୀ, ଜଗଦୀଶ ପଧାନ ଏବଂ ଗଗନ ବିହାରୀ ଚୌଧରୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସିନ୍ଦୁରପଙ୍କର ଜନାର୍ଦ୍ଦନ ପୁଜାରୀ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିଲେ । ଏଥିରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra